୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.19 Bhubaneswar Friday February 23 2024 | ୨୬ତମ ବର୍ଷ ସଂଖ୍ୟା–୧୯ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ମଣିପୁର ହିଂସାର ମୂଳ ରାୟକୁ ବଦଳାଇଲେ ହାଇକୋର୍ଟ



ଭୁବନେଶ୍ୱର,୨୨।୨(ପି.ଏନ): ଭୟଙ୍କର ହିଂସା। ବ୍ୟାପକ ଅଗ୍ନିକାଣ୍ଡ, ହଜାର ହଜାର ଲୋକ ବିସ୍ଥାପିତ। ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ। ଶେଷରେ ଏହି ହିଂସାର ମୂଳ କାରଣ ପାଲଟିଥିବା ରାୟକୁ ବଦଳାଇଲେ ମଣିପୁର ହାଇକୋର୍ଟ। ଗତବର୍ଷ ମାର୍ଚ୍ଚ ୨୭ ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ଏବେ ରଦ୍ଦ କରିଛନ୍ତି ହାଇକୋର୍ଟ। ପ୍ରକୃତରେ ୨୦୨୩ ମାର୍ଚ୍ଚ ୨୭ ତାରିଖରେ ମେତେଇ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତିରେ (ଏସ୍‌ଟି)ରେ ସାମିଲ କରିବା ପାଇଁ ମଣିପୁର ହାଇକୋର୍ଟ ରାୟ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟ ଆସିବା ପରେ ମଣିପୁରରେ ହିଂସାତ୍ମକ ସ୍ଥିତି ଉପୁଜିଥିଲା। ଏହି ନିର୍ଦ୍ଦେଶକୁ ଆଦିବାସୀ କୁକି ସମ୍ପ୍ରଦାୟର ଲୋକେ ବିରୋଧ କରିଥିଲେ। ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଉପୁଜିଥିଲା, ଯାହା ଏବେବି ଜାରି ରହିଛି।

### ଭୁବନେଶ୍ୱରରେ ଗ୍ରୀଷ୍ମ ପ୍ରବାହ ଜାରି, ସୋନପୁରରେ ସର୍ବାଧିକ ତାପମାତ୍ରା ରେକର୍ଡ

ଭୁବନେଶ୍ୱର: ରାଜଧାନୀରେ କ୍ରମାଗତ ତୃତୀୟ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗୁରୁବାର ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୩୫.୪ ଡିଗ୍ରି ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଓଡ଼ିଶାର ସବୁଠାରୁ ଉତ୍ତପ୍ତ ସ୍ଥାନ ହେଉଛି ସୋନପୁର, ଯେଉଁଠାରେ ପାରଦ ୩୬.୩ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ କେତେକ ଆଭ୍ୟନ୍ତରୀଣ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ରହିଛି ବୋଲି ଆଇଏମଡି ସୂଚନା ଦେଇଛି। କଟକ ଓ ଭୁବନେଶ୍ୱରରେ ତାପମାତ୍ରା ଯଥାକ୍ରମେ ୩୬.୨ ଓ ୩୫.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହା ପୂର୍ବ ଦିନର ତାପମାତ୍ରା ୩୫ ଓ ୩୬.୪ ଡିଗ୍ରୀ ସେଲସିୟସ ଠାରୁ ସାମାନ୍ୟ କମ୍। ମଙ୍ଗଳବାର ଭୁବନେଶ୍ୱରର ତାପମାତ୍ରା ୩୭ ଡିଗ୍ରି ଛୁଇଁଥିଲା।

## ଭୁବନେଶ୍ୱରରେ ଉଦଘାଟନ ହେଲା ଅଙ୍କୁର ହସ୍ପିଟାଲ: ମହିଳା ଓ ଶିଶୁଙ୍କୁ ସ୍ୱାସ୍ଥ୍ୟସେବାରେ ହେବ ବଡ ପରିବର୍ତ୍ତନ




ଭୁବନେଶ୍ୱର,୨୨।୨(ପି.ଏନ): ଭୁବନେଶ୍ୱରରେ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିବାକୁ ଯାଉଛି ହାଇଦ୍ରାବାଦର ଅଙ୍କୁର ହସ୍ପିଟାଲ । ରାଜଦାନୀରେ ବିଭିନ୍ନ କ୍ଷେତ୍ରରେ ବିଶେଷ ଚିକିତ୍ସା ପ୍ରଦାନ କରିବାକୁ ଏକ ପ୍ରତିବଦ୍ଧତା ସହିତ ଅଙ୍କୁରର ଏକ ୧୨୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଉଦଘାଟନ ହୋଇଯାଇଛି । ଏହି ମେଡିକାଲରେ ବିଭିନ୍ନ High-Riskbirthing, Pediatric Gastroenterology, Pediatricnephrology, Pediatricendocrinology, Pediatric Neurology, ଅର୍ଥପେଡିକ୍ସ, କର୍କଟ ଚିକିତ୍ସା ଏବଂ ଜରୁରୀକାଳୀନ ଚିକିତ୍ସା ଇତ୍ୟାଦି ଚିକିତ୍ସା ଯୋଗାଇ ଦିଆଯିବ । ଏହି ଅତ୍ୟାଧୁନିକ ଡାକ୍ତରଖାନା ମହିଳାମାନଙ୍କର ଅନନ୍ୟ ଆବଶ୍ୟକତାକୁ ପୂରଣ କରିବା ଏବଂ ପିଲାମାନଙ୍କ ପାଇଁ ବିଶେଷ ସେବା ଯୋଗାଇବା କ୍ଷେତ୍ରରେ ଖୁବ ସହାୟକ ହେବ । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଅମର ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଈଗଉ କର୍ପୋରେଟର(୪୧) କବିତା ସ୍ୱାଇଁ, IAS ନିଖିଲ ପାଭନ କଲ୍ୟାଣ, ସାଂସଦ ଶ୍ରୀକୃଷ୍ଣ ଦେବରାୟାଲୁ ଏବଂ ଅଙ୍କୁରର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ଡା. କୃଷ୍ଣପ୍ରସାଦ ଭନ୍ନାମ ପ୍ରମୁଖ ଉପସ୍ଥିତ ରହିଥିଲେ। ଦେଶର ତିନୋଟି ରାଜ୍ୟରେ ଏକ ଦଶନ୍ଧିରୁ ଅଧିକ ଅଭିଜ୍ଞତା ଏବଂ ୧୪ ଟି କେନ୍ଦ୍ର ସହିତ ଅଙ୍କୁର ହସ୍ପିଟାଲ୍ ମହିଳା ଏବଂ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବାରେ ଏକ ବିଶ୍ୱସ୍ତ ନାମ ଭାବରେ ଉଭା ହୋଇଛି ।ଭୁବନେଶ୍ୱରର ନୂତନ ୧୨୦ ଶଯ୍ୟା ବିଶିଷ୍ଟ ସୁବିଧା ମହିଳା ଏବଂ ଶିଶୁଙ୍କ ପାଇଁ ଅତ୍ୟାଧୁନିକ ଅପରେସନ୍ ଥିଏଟର(OT), ଖରଙ୍ଗରକ୍ଷ ଓଓଓ ପେଡିଆଟ୍ରିକ୍ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (PICU), ଖରଙ୍ଗରକ୍ଷ ଓଓଓ ନିଓନାଟାଲ୍ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (NICU), ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବ ଅଙ୍କୁର ହସ୍ପିଟାଲ। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ପରେ ବର୍ତ୍ତମାନ ଓଡିଶାରେ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିବାକୁ ଯାଉଛି ଅଙ୍କୁର ।

## ବିରୋଧୀଙ୍କୁ ଟାର୍ଗେଟ କରିଲେ ରାଜନାଥ ସିଂହ, କହିଲେ ବିଜେପି ସବୁବେଳେ ତା ପ୍ରତିଶ୍ରୁତି ରକ୍ଷା କରିଛି, ଏଥର ଓଡିଶାକୁ ଦରକାର ଡବଲ ଇଞ୍ଜିନ ସରକାର



ଭୁବନେଶ୍ୱର,୨୨।୨(ପି.ଏନ): ଓଡିଶା ସହ ମୋର ଭାବନାତ୍ମକ ସଂପର୍କ ରହିଛି । ଭାରତ ସୁରକ୍ଷା ଯାତ୍ରା ଓଡିଶାରୁ ଆରମ୍ଭ କରିଥିଲୁ। ସେତେବେଳେ ଆତଙ୍କବାଦ, ନକ୍ସଲବାଦ ଓ ଆତଙ୍କ ସବୁବେଳେ ଲାଗି ରହିଥିଲା । ଆଜି ଆତଙ୍କବାଦ କେଉଁଠି ରହିଛି, ଆପଣମାନେ ଜାଣିଛନ୍ତି । ପୁଲଓ୍ୱାମା ଘଟଣା ପରେ ମୁହଁତୋଡ ଜବାବ ଦିଆଯାଇଛି । ଏବେ ନକ୍ସଲବାଦ କେବଳ କିଛି ଜିଲ୍ଲାରେ ସୀମିତ ରହିଛି । ଓଡିଶାରେ ବି ଡବଲ ଇଂଜିନ ସରକାର ଦରକାର ବୋଲି ନବରଙ୍ଗପୁର ସଭାରେ ନିଜ ବକ୍ତବ୍ୟରେ କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ବାୟୁସେନା ସ୍ୱତନ୍ତ୍ର ବିମାନରେ ନବରଙ୍ଗପୁରରେ ପହଂଚିବା ପରେ ସେଠାରେ ଦଳୀୟ ନେତା ରାଜନାଥ ସିଂହଙ୍କୁ ସ୍ୱାଗତ କରିଥିଲେ। ପରେ ବିଜେପିର କୋର କମିଟି ବୈଠକରେ ଯୋଗ ଦେଇ ସ୍ଥାନୀୟ ଅଂଚଳରେ ଆୟୋଜିତ ଜନସଭାରେ କର୍ମୀଙ୍କୁ ୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଏହି ସଭାରେ କଂଗ୍ରେସକୁ କଡା ସମାଲୋଚନା କରିବା ସହ ମୋଦି ସରକାରଙ୍କ ସଫଳତା କଥା ବଖାଣିଥିଲେ । ବିଜେପି ଗତ ନିର୍ବାଚନରେ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କରିଛି । କଂଗ୍ରେସ କେବଳ ଧୋକା ଦେବା ଜାଣିଛି ବୋଲି ରାଜନାଥ କହିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସାରା ଦେଶର ଚିତ୍ର ବଦଳିଛି । ଏଠାରେ ବି ଡବଲ ଇଂଜିନ ସରକାର ହେବା ଦରକାର । ମୋଦିଙ୍କ ସନ୍ଦେଶ ନେଇ ପ୍ରତି କାର୍ଯ୍ୟକର୍ତ୍ତା ଲାଭାର୍ଥୀଙ୍କ ପାଖକୁ ଯାଆନ୍ତୁ । ସବୁ ଲାଭାର୍ଥୀଙ୍କୁ ମୋଦି ଦେଉଥିବା ସୁବିଧା ମିଳିବା ଦରକାର । ବିଜେପି ଏକମାତ୍ର ପାର୍ଟି ଯିଏକି ଯାହା କହେ, ସେୟା କରେ ବୋଲି ଦୃ??କ୍ତି ପ୍ରକାଶ କରିଛନ୍ତି । ନବରଙ୍ଗପୁର ସଭାରେ ରାଜନାଥ ସିଂ ତାଙ୍କ ବକ୍ତବ୍ୟ ରଖି ଜାମ୍ମୁ କାଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ସେ କହିଥିଲେ ବିଶ୍ୱସନୀୟତା ସଂକଟକୁ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ପ୍ରଧାନମନ୍ତ୍ରୀ । ଯାହା ଘୋଷଣା ପତ୍ରରେ କହିଥିଲୁ, ସବୁ ପୂରଣ କରିଛୁ । ପୂର୍ବରୁ କହିଥିଲୁ ୩୭୦ ଧାରା ଉଠାଇବୁ, ଜାମ୍ମୁ କାଶ୍ମୀରରୁ ୩୭୦ ଉଠାଇଲୁ । ତିନ୍ ତଲାକ୍ ଉଠାଇବୁ କହିଥିଲୁ, ଆମେ ଆମ କଥା ରକ୍ଷା କଲୁ । ଆମେ ରାଜନୀତି କରୁଛୁ, କେବଳ ଦେଶ ଗଠନ ପାଇଁ । ଗତ ୧୦ ବର୍ଷରେ ମୋଦି ସରକାର ୩୦ ହଜାର କିମି ରାସ୍ତା କରିଛନ୍ତି । ଆୟୁଷ୍ମାନ ଭାରତ ଯୋଜନାରେ ଗରିବଙ୍କୁ ସ୍ୱାସ୍ଥ୍ୟ ସୁବିଧା ମିଳୁଛି । ଓଡିଶା ସହ ଆମ ସରକାର ଭେଦଭାବ କରିନି । ଏଠାରେ ମେଡିକାଲ କଲେଜ, ଇଂଜିନିୟରିଂ କଲେଜ ବ?ିଛି । ଜନତାଙ୍କ ସେବା କରିବା ଆମ ପ୍ରଧାନମନ୍ତ୍ରୀଙ୍କ ଏକମାତ୍ର ଉଦ୍ଦେଶ୍ୟ ବୋଲି ରାଜନାଥ ସିଂହ କହିଥିଲେ ।

## ମନ୍ଦିର ଟିକସ ବିଲକୁ ନେଇ ଝଡ: କଂଗ୍ରେସକୁ ହିନ୍ଦୁ ବିରୋଧୀ କହିଲା ବିଜେପି



ନୂଆଦିଲ୍ଲୀ,୨୨।୨(ପି.ଏନ): କର୍ଣ୍ଣାଟକାରେ ମନ୍ଦିର ଟିକସ ବିଲ୍‌କୁ ନେଇ ରାଜନୀତିକ ଝଡ ଆରମ୍ଭ ହୋଇଯାଇଛି। ନୂଆ ବିଲ ଜରିଆରେ କର୍ଣ୍ଣାଟକାର କ୍ଷମତାସୀନ କଂଗ୍ରେସ ସରକାର ବିଭିନ୍ନ ମନ୍ଦିରଗୁଡିକ ଠାରୁ ସେମାନଙ୍କ ରାଜସ୍ୱର କିଛି ଅଂଶ ଆଣିବେ। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର 'Karnataka Hindu Religious Institutions and Charitable Endowments Bill ୨୦୨୪' ବିଧାନସଭାରେ ପାସ୍ କରାଇଛନ୍ତି। ଏଥିରେ କୁହାଯାଇଛି ଯେ ଯେଉଁ ମନ୍ଦିରଗୁଡିକର ରାଜସ୍ୱ ୧ କୋଟିରୁ ଅଧିକ ସେମାନେ ୧୦% ଓ ଯେଉଁଗୁଡିକର ଆୟ ୧୦ ଲକ୍ଷରୁ ୧ କୋଟି ଟଙ୍କା ମଧ୍ୟରେ ସେମାନେ ୫% ଅର୍ଥ ରାଜ୍ୟ ସରକାରଙ୍କୁ ଦେବେ।

## ଦମ୍ଭ ଦେଖାଇଲେ ପ୍ରଦୀପ; ମିଶନ୍ ହିଞ୍ଜିଳି ଟୁ ଭୁବନେଶ୍ୱର ୧୦୦...



ଭୁବନେଶ୍ୱର,୨୨।୨(ପି.ଏନ): ବଦଳିଛି ଗେଟ୍‌ଅପ୍। ଖାଲି ଗେଟ୍‌ଅପ୍ ନୁହେଁ, ଭାଷା ମଧ୍ୟ ବଦଳିଛି। ପୂରା ଫର୍ମରେ ଅଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ନାଁ ନନେଇ ଆଜି ବିଜେଡି ରାଇଜ ମୁଖିଆଙ୍କ ଉପରେ ମନଇଛା ବର୍ଷିଛନ୍ତି। ଆଉ କହିଛନ୍ତି, ଏଥର ଲେଖା ପାକ୍କା ଛିଡିଯିବ। ମିଶନ୍ ହିଞ୍ଜିଳି ଟୁ ଭୁବନେଶ୍ୱର ୧୦୦, ଦିଲ୍ଲୀ ୪୦୦ ...। ବିଜେଡିକୁ ଶ୍ରୀ ପାଣିଗ୍ରାହୀ କହିଛନ୍ତି, ଚାଉଳ କାହାର ପ୍ରଚାର କାହାର? ସତ କୁହ ହେ। ଲୋକଙ୍କୁ ଫେସ୍ କର। କାମ କରିଛ, ଭୋଟ୍ ଦିଅ ବୋଲି କୁହ। ଖାଲି ଡାବାମାରି ଭୋଟ୍ ମାଗୁଛ କାହିଁକି ଲେଖା ପାକ୍କା ଛିଡିଯିବ। ମିଶନ୍ ହିଞ୍ଜିଳି ଟୁ ଭୁବନେଶ୍ୱର ୧୦୦, ଦିଲ୍ଲୀ ୪୦୦। କମଳେ କମଳା। ଏକ ମନ, ଏକ ପ୍ରାଣ ଓ ଏକ ଲକ୍ଷ୍ୟରେ ମିଶି କାମ କଲେ କମଳ ନିଶ୍ଚିତ ଆସିବ। କର୍ମୀମାନେ ହେଉଛନ୍ତି ଆର୍ମି। ଆର୍ମି ଓ ସାଧାରଣ ଲୋକ ମିଶିଗଲେ ଲେଖା ଛିଡିଯିବ। କମଳ ନିଶ୍ଚିତ ଆସିବ। ଏମାନେ ଯେତେ ଶକ୍ତି ଲଗାଉଛନ୍ତି ଲଗାନ୍ତୁ ପଛେ, କିଛି ଲାଭ ହେବନି ବୋଲି ପାଣିଗ୍ରାହୀ କହିଛନ୍ତି।

## ପ୍ରକୃତି ଉଦ୍ୟୋଗ ଓ ଭୁବନେଶ୍ୱର ଡି.ଆଇ.ସି ମିଳିତ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୨୨।୨(ପି.ଏନ) : ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏସ୍.ଏଚ୍.ଜି. ଗ୍ରୁପର ମହିଳାମାନଙ୍କୁ ସଚେତନ କରିବା ପାଇଁ ଏବଂ ଆଗକୁ କେମିତି ନିଜ ଗୋଡ଼ରେ ଠିଆହୋଇ ନିଜ ପରିବାର ଚଳାଇବା ପାଇଁ ସକ୍ଷମ ହୋଇପାରିବେ ସେହି ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ କଲ୍ୟାଣପୁର ପଞ୍ଚାୟତର ଗଣ୍ଡରପୁର ମିସନ୍ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡି.ଆଇ.ସି. ଭୁବନେଶ୍ୱରର ଜେନେରାଲ୍ ମ୍ୟାନେଜର ଗଗନ ବିହାରୀ ନାୟକ ମୁଖ୍ୟ ଅତିଥି ଭାବେ ଏବଂ ଭୁବନେଶ୍ୱର ସି.ଡି.ପି.ଓ. କବିତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସରକାରଙ୍କଠାରୁ ଋଣ ନେଇ ଯେକୌଣସି ପଦାର୍ଥ ଉତ୍ପାଦନ କରୁଛନ୍ତି, ତାକୁ ଛୋଟ ଛୋଟ ଉଦ୍ୟୋଗରେ ପରିଣତ କରି ତା'ର ବଜାର ବ୍ୟବସ୍ଥାର ସୁପରିଚାଳନା ପାଇଁ ମତାମତ ପ୍ରଦାନ କରିଥିଲେ ।

## ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଝୋଟ ବ୍ୟାଗ କିଣାରେ ୨୦୦ କୋଟିର ଦୁର୍ନୀତି : ଅଭିଯୋଗ କଲା କଂଗ୍ରେସ




ଭୁବନେଶ୍ୱର,୨୨।୨(ପି.ଏନ): ରାଜ୍ୟରେ ନବୀନ ସରକାରଙ୍କ ଦ୍ୱାରା ସାଧାରଣ ବଂଟନ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପାଉଥିବା ପରିବାରକୁ ଦୁଇଗୋଟି ଝୋଟ ବ୍ୟାଗ ଦେବାପାଇଁ ନିଆଯାଇଥିବା ନିଷ୍ପତି ପଛରେ ଏକ ବଡ଼ ଧରଣର ଘୋଟାଲା ହୋଇଥିବାର ଅଭିଯୋଗ ଆଣିଛି କଂଗ୍ରେସ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ସଂପାଦକ ତଥା ମୁଖପାତ୍ର ପ୍ରଶାନ୍ତ ଶତପଥି ଏ ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଥିଲେ ଯେ ରାଜ୍ୟ ସରକାର ସମୁଦାୟ ୨ କୋଟି ଝୋଟ ବ୍ୟାଗ କିଣିବାପାଇଁ ଯେଉଁ ନିଷ୍ପତି ନେଇଛନ୍ତି ତାହା ପଛରେ ୨୦୦ କୋଟି ଟଙ୍କାର ଏକ ବଡ଼ଧରଣର ଦୁର୍ନୀତି ହୋଇଛି। ରାଜ୍ୟରେ ପାଖାପାଖି ୧ କୋଟି ପରିବାରକୁ ୨ଟି ଲେଖାଏ ବ୍ୟାଗ ଦିଆଯିବ ଏବଂ ଏଥିପାଇଁ ୩ଶହ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଯେଉଁ ବ୍ୟାଗ ସରକାର ଲୋକଙ୍କୁ ଦେଉଛନ୍ତି ତାହାର ବଜାର ଦର ସାଧାରଣ ଲୋକଙ୍କ ପାଇଁ ଅତିବେଶୀରେ ୧ଶହ ଟଙ୍କା ହେବ। ସାଧାରଣ ଜନତା ୧୦୦ ଟଙ୍କା ମୂଲ୍ୟରେ ସେହିଭଳି ଝୋଟବ୍ୟାଗ ମାର୍କେଟରୁ ପାଉଥିବା ବେଳେ ସରକାର କିଭଳି ଭାବରେ ଗୋଟିଏ ବ୍ୟାଗ ପିଛା ୧୫୦ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାଧାରଣ ଭାବରେ ଗୋଟିଏ ଦୁଇଟି ବ୍ୟାଗ କିଣିବାପାଇଁ ଯେତିକି ଟଙ୍କା ଦେବାକୁ ପଡ଼େ ଏକାଦି କ୍ରମେ ଲକ୍ଷ ଲକ୍ଷ ବ୍ୟାଗ ହୋଲସେଲ ଦରରେ କ୍ରୟ କରାଗଲେ ତାହାର କ୍ରୟ ମୂଲ୍ୟ ଅଧାରୁ ବି କମ ହୁଏ। ଏଭଳି ସ୍ଥିତିରେ ସରକାର ଯେଉଁ ବ୍ୟାଗ ସ୍ୱତନ୍ତ୍ର ଭାବେ ବରାଦ ଦେଇ ଟେଣ୍ଡର କରି ରାଜ୍ୟ ବାହାରୁ କିଣୁଛନ୍ତି ତାହାର ଦାମ ଅତି ବେଶୀରେ ୫୦ ଟଙ୍କାରୁ ଅଧିକ ହେବ ନାହିଁ। ଅର୍ଥାତ ଗୋଟିଏ ବ୍ୟାଗ ପିଛା ୧୦୦ ଟଙ୍କାର ଘୋଟାଲା କରାଯାଉଛି ଏବଂ ୨ କୋଟି ବ୍ୟାଗ ପିଛା ସରକାର ୨୦୦ କୋଟିର ଘୋଟାଲା କରିବାପାଇଁ ବ୍ୟବସ୍ଥା କରିଛନ୍ତି। ଶ୍ରୀ ଶତପଥି ସରକାରଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ସରକାର ଏହି ଝୋଟ ବ୍ୟାଗ ଭାରତବର୍ଷର କେଉଁ ରାଜ୍ୟରୁ, କେଉଁ କମ୍ପାନୀରୁ ଏବଂ ବାସ୍ତବରେ କେତେ ଟଙ୍କାରେ ଆଣୁଛନ୍ତି ତାହାର ହିସାବ ସାର୍ବଜନୀନ କରିବେକି? ନବୀନ ବାବୁଙ୍କ ସମୟରେହିଁ ଓଡ଼ିଶାର ସବୁ ଝୋଟକଳ ବନ୍ଦ ହୋଇଯାଇଛି। ଏହି ଝୋଟ ବ୍ୟାଗ ଦେବା ପଛରେ ଦର୍ଶାଯାଇଥିବା କାରଣ ଗୁଡ଼ିକ ଯଥା ସବୁଜ ଓଡ଼ିଶା ଗଠନ କରାଯିବ, ପରିବେଶ ପଲିଥିନ ମୁକ୍ତ ହେବ ଏବଂ ସୁରକ୍ଷିତ ରହିବ ଓ ଅଳିଆ ଆବର୍ଜନାରୁ ମୁକ୍ତି ମିଳିବ ଯଦି ତର୍ଜମା କରାଯାଏ ତାହାହେଲେ ସରକାରଙ୍କର ଦାବି ଯେ ସଂପୂର୍ଣ୍ଣ ତାହା ମିଛ ସେକଥା ସ୍ପଷ୍ଟ ଅନୁମେୟ। ପରିବେଶକୁ ପଲିଥିନ ମୁକ୍ତ କରିବାପାଇଁ ଦୁଇଗୋଟି ଝୋଟ ବ୍ୟାଗର ସାହାରା ନେଉଥିବା ବିଜେଡ଼ି ସରକାର ମୁଖ୍ୟମନ୍ତ୍ରୀ ଏବଂ ବିଜେଡ଼ି ଦଳର ତମାମ ନେତାଙ୍କର ଫଟୋ ଥିବା ଦଳୀୟ ବ୍ୟାନର, ପୋଷ୍ଟର, ପତାକା ଓ ବଡ଼ ବଡ଼ ହୋଡିଂ ଆଦି ପଲିଥିନ ଯୁକ୍ତ ନା ପଲିଥିନ ମୁକ୍ତ ବୋଲି ଶ୍ରୀ ଶତପଥି ପ୍ରଶ୍ନ କରିଥିଲେ। ଯଦି ପରିବେଶ ପାଇଁ ଏତେ ଚିନ୍ତା ତାହାହେଲେ ବିଜେଡ଼ି ତାଙ୍କର ଦଳୀୟ କାର୍ଯ୍ୟକ୍ରମ ପାଇଁ ଝୋଟ ନିର୍ମିତ ପ୍ରଚାର ପ୍ରସାର ସାମଗ୍ରୀକୁ ନିର୍ବାଚନରେ ବ୍ୟବହାର କରିବାପାଇଁ ସେ ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାରେ ମଦ କମ୍ପାନୀର ନିର୍ମାଣ ପାଇଁ ହଜାର ହଜାର ଗଛ କାଟିଦିଆଯିବା, ଭୁବନେଶ୍ୱର ଶିଖରଚଣ୍ଡି ପାହାଡ଼ରେ ବିନା ଅନୁମତିରେ ହଜାର ହଜାର ଗଛ କାଟି ପଦା କରିଦେବା, ଖଣିପାଇଁ ଗଛକଟା ଏବଂ ଯାଜପୁର ଜିଲ୍ଲାରେ ଶାଳଜଙ୍ଗଲକୁ କାଟି ନଷ୍ଟ କରିବା ହେତୁ ଜାତୀୟ ସବୁଜ ପ୍ରାଧିକରଣ (ଏନ.ଜି.ଟି) ଓଡ଼ିଶା ସରକାରଙ୍କୁ ଏକ କୋଟି ଟଙ୍କାର ଫାଇନ ଦେବାପାଇଁ ନିର୍ଦ୍ଦେଶ ଦେବା ଆଦି ସରକାରଙ୍କର ସବୁଜ ଓଡ଼ିଶାର ବାସ୍ତବ ଚିତ୍ରକୁ ପ୍ରତିପାଦିତ କରେ। ଏହି ଝୋଟ ବ୍ୟାଗର ଘୋଟାଲା ଆମକୁ କୋଭିଡ ସମୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅତ୍ୟଧିକ ଦାମ ଦେଇ କଟନ ମାସ୍କ କିଣିବା ଏବଂ ସେଥିରେ ହୋଇଥିବା ଦୁର୍ନୀତିକୁ ମନେପକାଇ ଦିଏ। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟରେ ଉତ୍କଟ ଦରବୃଦ୍ଧି ହେତୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି ଏ କଥାକୁ ନବୀନ ସରକାର ପରୋକ୍ଷରେ ସ୍ୱୀକାର କରିଛନ୍ତି। ଉତ୍କଟ ଦର ବୃଦ୍ଧିରୁ ଆସ୍ୱସ୍ତି ପାଇବାପାଇଁ ହଜାରେ ଟଙ୍କା ପ୍ରତି ରାସନକାର୍ଡଧାରୀ ପରିବାରକୁ ଦିଆଯିବାର ଯେଉଁ ନିଷ୍ପତି ସରକାର ନେଇଛନ୍ତି ତାହା ସାଧାରଣ ଜନତାଙ୍କର ଗରିବି ପ୍ରତି ଉପହାସ। ଆଜିର ଦିନରେ ଗୋଟିଏ ଗ୍ୟାସ ସିଲିଣ୍ଡରର ମୂଲ୍ୟ ହଜାରେ ଟଙ୍କାରୁ ଅଧିକ ଥିଲା ବେଳେ ନିର୍ବାଚନ ଦୁଇମାସ ଥାଇ ସରକାରଙ୍କର ଦରଦାମବୃଦ୍ଧି କଥା ମନେପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଭୋଟ ହାତେଇବା ପାଇଁ ଏକ ବିଫଳ ପ୍ରୟାସ। ସବୁଠାରୁ ଆଶ୍ଚର୍ଯ୍ୟର କଥା ନିକଟରେ ଆଗତ ହୋଇଥିବା ବଜେଟରେ ଏ ସମସ୍ତ ବ୍ୟବସ୍ଥା ପାଇଁ ବ୍ୟୟବରାଦ କରାନଯାଇ ପରବର୍ତୀ ଅବସ୍ଥାରେ କ୍ୟାବିନେଟ ବୈଠକରେ ନିଷ୍ପତି କରାଯିବା ସରକାରଙ୍କର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗର ଅଧକ୍ଷ ଅମୀୟ ପାଣ୍ଡବ ଓ ଅନ୍ୟତମ ମୁଖପାତ୍ର ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ।

## ବିଶ୍ୱ ସାମାଜିକ ମଞ୍ଚରେ ଆଉ ଏକ ବୈଷମ୍ୟ ମୁକ୍ତ ବିଶ୍ୱ ପାଇଁ ଆହ୍ୱାନ

ଦିଲ୍ଲୀ ,୨୨।୨(ପି.ଏନ): ନେପାଳର କାଠମାଣ୍ଡୁରେ ଗତ ଫେବୃଆରୀ ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସାମାଜିକ ମଞ୍ଚର ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ କାର୍ଯ୍ୟକ୍ରମରେ ଭାରତର ଜନ ଆନ୍‌ଦୋଳନ ନେତ୍ରୀ ମେଧା ପାଟକର, ଅଶୋକ ଭାରତୀ ସମେତ ନେପାଳ, ମାଲେସିଆ, ପାଲେଷ୍ଟାଇନ, ଦକ୍ଷିଣ କୋରିଆ, ଚୀନ, ଆଫ୍ରିକା ଓ ମେକ୍ସିକୋର ପ୍ରତିନିଧିମାନେ ବିଶ୍ୱରେ ହିଂସା, ଘୃଣା, ଫାଶୀବାଦ, ବୈଷମ୍ୟ, ଜଳବାୟୁ ପରିବର୍ତ୍ତନର ପ୍ରତିରୋଧ ପାଇଁ ତୃତୀୟ ବିଶ୍ୱର ଜନତା ଏକ ହେବା ପାଇଁ ଆହ୍ୱାନ ଦେବା ସହ ଫିଲିଷ୍ଟିନିର ସ୍ୱାଧୀନତା ଅନିର୍ବାଜ୍ୟ ବୋଲି କହିଥିଲେ । ଆର୍ଥିକ ଓ ସାମାଜିକ ନ୍ୟାୟ ସହ ଜଳବାୟୁ ନ୍ୟାୟ ପାଇଁ ଆଉ ଏକ ବୈଷମ୍ୟ ମୁକ୍ତ ବିଶ୍ୱ ସମ୍ଭବ କରିବାକୁ ସତ୍ୟାଗ୍ରହ ରାସ୍ତା ଏକ ମାତ୍ର ବିକଳ୍ପ ବୋଲି ମେଧା ପାଟକର ଡାକରା ଦେଇଛନ୍ତି ।୯୫ ଦେଶରୁ ପ୍ରାୟ ୪୦୦ ଲୋକ ସଂଗଠନ, ଜନ ଆନ୍‌ଦୋଳନ ଓ ସାମାଜିକ ସଂଗଠନର ପ୍ରାୟ ୧୦ ହଜାର ପ୍ରତିନିଧି ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ନେପାଳରେ ଥିବା ଜାତିସଂଘ ଅଫିସରେ ଜଳବାୟୁ ନ୍ୟାୟ ଉପରେ ଭାରତର ଜନ ଆନ୍‌ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ଆବାହକ ମେଧା ପାଟକର ଓ ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରାଙ୍କ ବକ୍ତବ୍ୟ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଇଣ୍ଟରନେସନାଲ ଟ୍ରିବ୍ୟୁନାଲ ଅନ ଇଭିକ୍ସନର ବିଚାରକ ମଣ୍ଡଳୀ ଭାରତ ସମେତ ଏସିଆର ୪ ଟି ଦେଶର ୧୦ ଟି ବିସ୍ଥାପନ ଓ ମାନବିକ ଅଧିକାର ମାମଲା ତିନିଦିନ ଶୁଣାଣି କରିଥିଲେ। ଏହି ଶୁଣାଣି ବେଳେ ବକ୍ତା ରୂପେ ଯୋଗଦେଇ ଭାରତର ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଦେଶରେ କର୍ପୋରେଟ ଲୁଟ ସହ ଜବରଦସ୍ତ ବିସ୍ଥାପନ ପାଇଁ କିପରି ରାଷ୍ଟ୍ର ଦମନ ଚାଲିଛି ଓ ମାନବିକ ଅଧିକାର କର୍ମକର୍ତ୍ତା ବ୍ରଦର ଭର୍ଗିଜ୍ ଏସିଆର ବେକାର ଚିତ୍ର ଉପସ୍ଥାପନ କରିଥିଲେ। ଏହି ଆନ୍ତରାଷ୍ଟ୍ରୀୟ ଟ୍ରିବ୍ୟୁନାଲର ଡାକରା ରହିଛି ବିକାଶ ପ୍ରକିୟା ବେଳେ ଶୁନ ବିସ୍ଥାପନ ।ବିଶ୍ୱ ସାମାଜିକ ମଞ୍ଚର ପରିସରରେ ୪ ଦିନରେ ୨୦୦ ରୁ ଅଧିକ କ୍ଲାଇମେଟ ଜଷ୍ଟିସ, ଦଳିତ – ଆଦିବାସୀ ପ୍ରସଙ୍ଗ, ମହିଳା ଅଧିକାର, ସାମାଜିକ – ଆର୍ଥିକ ବିଷମତା, ଅନ୍ତ ରାଷ୍ଟ୍ର ନଦୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ନେଇ ବିଭିନ୍ନ ଦେଶମାନଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ବିଶ୍ୱସ୍ତରରେ ଅନେକ ପ୍ରସ୍ତାବ ଗ୍ରହଣ କରାଯାଇଛି। ପାଲେଷ୍ଟାଇନର ସ୍ୱାଧୀନତା ପାଇଁ ଓ ଇସ୍ରାଏଲର ନରସଂହାର ଘଟଣା ବିରୋଧରେ ବମ୍ବେର ଫିରୋଜ ମିଥିୱାଲାଙ୍କ ସଂଯୋଜନାରେ ଏକ କାର୍ଯ୍ୟକ୍ରମରେ ଡ. ମୁଷ୍ଟାଫା ଓ ତାଲନାସର ଫିଲିଷ୍ଟିନ ସ୍ୱାଧୀନତା ପାଇଁ ସମର୍ଥନ ମାଗିଥିବା ବେଳେ ଭାରତର ପ୍ରଫୁଲ୍ଲ ସାମନ୍ତରା, ଡ. ସୁନିଲମ୍ ଇସ୍ରାଏଲର ଗଣସଂହାର ବିରୋଧରେ ଭାରତ ସରକାର ସ୍ୱର ଉତ୍ତୋଳନ କରିବାକୁ ନିବେଦନ କରିଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ‘ତ୍ରିପୁରମାଳିନୀ’ ଶକ୍ତିପୀଠ, ପଞ୍ଜାବ

‘ତ୍ରିପୁରମାଳିନୀ’ ମନ୍ଦିର ବା ଜଳନ୍ଧର ଶକ୍ତିପୀଠ ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ “ତାଲାବ” ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧର ଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ ‘ତ୍ରିପୁରମାଳିନୀ ଶକ୍ତିପୀଠ’ ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର




ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ



ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

‘ତ୍ରିପୁରମାଳିନୀ ଶକ୍ତିପୀଠ’ରେ ମାତା ସତୀଙ୍କର ‘ବାମସ୍ତନ’ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ ‘ତ୍ରିପୁରମାଳିନୀ’ ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ ‘ଭୈରବ’(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ “ଭୀଷଣ” ରୂପରେ ପୂଜା କରା ଯାଇଥାଏଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ




ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**କେମିତି ଯିବେ:-**(୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୨.୫ କିମି ଦୂରରେ ‘ତ୍ରିପୁରମାଳିନୀ ଶକ୍ତିପୀଠ’ ଅବସ୍ଥିତ। (୨)ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରୁ ମାତ୍ର ୧୮୩ କିମି ଦୂରରେ ‘ତ୍ରିପୁରମାଳିନୀ ଶକ୍ତିପୀଠ’ ଅବସ୍ଥିତ।

ପ୍ରତିଦିନ ସକାଳ ୬ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ଟାରେ ବନ୍ଦ ହୁଏ।

# ଅନ୍ଧବିଶ୍ୱାସ ଓ ଆମେ

ଏ ବିଜ୍ଞାନ ଯୁଗରେ ଏବେ ମଧ୍ୟ ମଣିଷ ଅନ୍ଧବିଶ୍ୱାସରେ ବୁଡ଼ି ରହିଛି। କଥାଟି ଏହି ଯେ ଅତି ପୁରାତନ ଯୁଗରୁ ଏହା ଏମିତି ଆମ ରକ୍ତ, ମଜ୍ଜା ଓ ବିଶ୍ୱାସ ସହିତ ଚେରମାଡ଼ି ବସିଛି ଯେ ତାକୁ ଏତେ ଶୀଘ୍ର ଏବଂ ସହଜରେ ଉପାଡ଼ିବା ସମ୍ଭବ ନୁହେଁ। ଏଥିକୁ ସମୟ, ଶିକ୍ଷା ଓ ସଚେତନତା ଦରକାର। ଏବକୁ ବିଚାରିଲେ କେତେକ ଲୋକପ୍ରିୟ ଅନ୍ଧବିଶ୍ୱାସର ସ୍ୱତନ୍ତ୍ର ଇତିହାସ ଅଛି। ସେମାନେ ମଣିଷର ଅଭିଜ୍ଞତା, ଧର୍ମ ଓ ବିଶ୍ୱାସ ସହିତ ପୁରାମାତ୍ରାରେ ଜଡ଼ିତ। ସେମାନେ ମଣିଷ ଜୀବନ ପ୍ରତି କୁପ୍ରଭାବ ପକାନ୍ତି ଯଦିଓ ଏହାକୁ ଅନେକ ସମୟରେ ଆମେ ଅସତ୍ୟ ବୋଲି ଭାବୁ।

ବିଶ୍ୱାସ କରାଯାଏ ଯେ ଛନ୍ଦଯୁକ୍ତ ଆଙ୍ଗୁଠିମାନେ (କ୍ରସ୍‌ଡ ଫିନ୍‌ଗର) ଆମକୁ ଶୁଭଫଳ ଦିଅନ୍ତି। ଏହି ଅନ୍ଧବିଶ୍ୱାସରୁ ଆମର ‘କ୍ରସ’ ଚିହ୍ନ ସୃଷ୍ଟି ହୋଇଛି। ସେହିପରି ଘରେ ଛତା ଖୋଲିବା କୁଆଡ଼େ ବିପଦ ଟାଣିଆଣେ। ଏହା ଅଶୁଭ। ଦର୍ପଣକୁ ନେଇ କାହିଁ କେତେ ଅନ୍ଧାର ରାତିରେ କଳା ବିରାଡ଼ିଟିଏ ସାମ୍‌ନାରେ ଅତିକ୍ରମ କଲେ ବିପଦ ମାଡ଼ି ଆସୁଛି ବୋଲି ଲୋକେ ଭାବନ୍ତି। ସେମିତି ଯେ କୌଣସି ବିରାଡ଼ିଟିଏ ଗଲାବେଳେ ଆଗରେ ଅତିକ୍ରମ କଲେ କେଉଁଠି ଶୁଭ ହୁଏ ନାହିଁ। ଏଣୁ ପଛକୁ ସାତ ପାହୁଣ୍ଡ ଫେରି ଆସିବାକୁ ହୁଏ।

ଏବେ ଛିଙ୍କ କଥା ଆସନ୍ତୁ। କେହି ଗୋଟେ ଛିଙ୍କି ଦେଲେ ଆମେ କହୁ ‘ବୁଢ଼ାଟିଏ ହୋଇଥା’। ଯାହାର ଅର୍ଥ ତୁମେ ଦୀର୍ଘଜୀବୀ ହୁଅ। ଏହାକୁ ଆମେ କହୁ ‘ଗଡ୍ ବ୍ଲେଶ୍ ୟୁ’। ଏହି ପ୍ରଥାଟି ଭାରତ ମାଟିରେ କାହିଁ କେଉଁ ଅତୀତରୁ ଅଛି। କିନ୍ତୁ ଇଂରେଜ ମାଟିରେ ୭୫୦ ଖ୍ରୀଷ୍ଟାବ୍ଦରୁ ଏହା ଆରମ୍ଭ ହୋଇଛି। ‘ଗଡ୍ ବ୍ଲେଶ୍ ୟୁ’ କଥାକୁ ପୋପ୍ (ଭଟିକାନ୍) ସ୍ୱୀକୃତି ଦେଇଛନ୍ତି। ଏହାର ଅର୍ଥ ହେଲା ଈଶ୍ୱର ତୁମର ସୁରକ୍ଷା ଦିଅନ୍ତୁ। ଏଣୁ ଛିଙ୍କ ପଡ଼ିବା ଏକ କୁଲକ୍ଷଣ ବୋଲି ବିଚାର କରାଯାଏ। ଏବେ ବି ‘ବୁଢ଼ାଟିଏ ହୋଇଥା’ ବା ‘ଗଡ୍ ବ୍ଲେସ୍ ଇଉ’ ଛିଙ୍କ ପଡ଼ିଲେ କୁହାଚାଲିଛି। ଘରବାଡ଼ିରେ ତୁଳସୀ ଗଛର



ଦୂର ଅତୀତରୁ ଭୟଙ୍କର ଅନ୍ଧବିଶ୍ୱାସ ରହିଆସିଛି। ଦର୍ପଣର ବ୍ୟବହାର ପୂର୍ବରୁ ମଣିଷ ତା' ମୁହଁ ନିର୍ମଳ ପାଣିରେ ଦେଖୁଥିଲା। ବେଳେ ବେଳେ ଚହଲା ପାଣିରେ ତା' ପ୍ରତିବିମ୍ବ ଖଣ୍ଡିତ ଦେଖାଯାଉଥିଲା। ପରବର୍ତ୍ତୀ ସମୟରେ ଭଗ୍ନ ଦର୍ପଣରେ ତାହା ହିଁ ଦେଖାଗଲା। ଏଯାବତ୍ ତାହା ହିଁ ଦେଖାଯାଉଛି ଏବଂ ଏହାକୁ ଆମେ ଅଶୁଭ ବୋଲି କହୁଛୁ।

ସେମିତି ଛିଡ଼ା ହୋଇଥିବା ବା କାନ୍ଥକୁ ଆଉଜା ଯାଇଥିବା ନିଶୁଣି ତଳେ ଯିବାକୁ ମନା। କଥିତ ଅଛି ଯେ ନିଶୁଣି ସାହାଯ୍ୟରେ ମଣିଷ କୁଆଡ଼େ ସ୍ୱର୍ଗକୁ ଚଢ଼େ। ଏଣୁ ଏହା କୁଆଡ଼େ ମୃତ୍ୟୁକାଳୀନ ଏକ ବ୍ୟବହାର ବିଶେଷ କରି ହିନ୍ଦୁଧର୍ମରେ। ତେଣୁ ଏହା ମନା ଯେ ନିଶୁଣି ତଳେ ଗଲେ ତୁମର ସ୍ୱର୍ଗ ଯୋଗ ନାହିଁ। ଏହା ଏକ ପାପକର୍ମ।

ଏହା ପୁଣି ଏକ ଦୃଢ଼ ବିଶ୍ୱାସ ଯେ କିଁଟି କିଟି ଅନ୍ଧାରରେ ସଂପୂର୍ଣ୍ଣ କଳା ବିରାଡ଼ି ଯାହାର ଆଖି ଅନ୍ଧାରରେ ଜଳୁଥାଏ, ତାକୁ ଦେଖିଲେ କୁଆଡ଼େ ଭାରି ଅଶୁଭ। କାରଣ ଏହା କୁଆଡ଼େ ଡାହାଣୀ ବା ପିଚାଶୁଣୀ ମାନଙ୍କର ଭିନ୍ନ ରୂପ ଯାହା ମଣିଷକୁ କ୍ଷତି ପହଞ୍ଚାଏ। ଏହି କାରଣରୁ ସ୍ଥାନ, କୁଆଡ଼େ ଗଲା ବେଳେ ନେଉଳ ଦିଗ ନେଇ ଅତିକ୍ରମ କରିବା, ଶବ ଦେଖିବା, ଶବଦାହ ଦେଖିବା, ଅନୁକୂଳକୁ ବିରାଡ଼ି ଛିଙ୍କିବା, ପଛରୁ ଡାକିବା, କାଉ ରାବିବା, ରାତିରେ ଅଣ୍ଡିରା ବିଲୁଆ ରାବିବା, ଅଣ୍ଡିରା ବିରାଡ଼ିର ବିକଟାଳ ବୋବାଳି... ଏମିତି କେତେ କଥା ଯାହା ଚାଲିଛି, ଚଳି ଆସିଛି, ତାହା ପୁଣି ଧର୍ମରେ ପରମ୍ପରାରେ ଏବା ବିଶ୍ୱାସରେ ସବୁ ଅନ୍ଧବିଶ୍ୱାସ। ଯେଉଁ ବିଶ୍ୱାସ ପଛରେ ବିଜ୍ଞାନର ସ୍ୱୀକୃତି ନାହିଁ, ତାହା ଅସତ୍ୟ।

ଅନ୍ଧବିଶ୍ୱାସରୁ କୁସଂସ୍କାରର ଜନ୍ମ। ସଂପ୍ରତି ଚାଲିଥିବା ବଳିପ୍ରଥା, ଝଡ଼ାଫୁଙ୍କା, ରୋଗ ଆରୋଗ୍ୟକୁ ଚେଙ୍କ ଦିଆ, ଠାକୁରାଣୀ ବିଜେ, ନାନା ପ୍ରକାର ମାନସିକ କରିବା, କାଠ ବା ପାଷାଣ ଦିଅଁକୁ ଯାଚଞ୍ଚା କରିବା ବିଜ୍ଞାନ ସମ୍ମତ ନୁହେଁ। ଏହା ଖାଲି ମଣିଷ ଜାତିକୁ ଏବଂ ନିରୀହ ଜୀବ ବିଶେଷଙ୍କୁ କ୍ଷତି ପହଞ୍ଚାଉଛି। ବିଜ୍ଞାନ ବଳରେ ଆମେ ରୋଗକୁ ଜିତିଛୁ, ଆକାଶ ପାତାଳ ଦେଖୁଛୁ, ସମୁଦ୍ରରେ ମାଛ ପରି ପହଁରୁଛୁ। ପକ୍ଷୀ ପରି ଉଡୁଛୁ ଅଥଚ ଆମ ଭିତରେ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲଢ଼ି ତାକୁ ନିପାତ କରିପାରୁ ନାହୁଁ। ଏହା ହିଁ ଦୁଃଖ।

# ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟରେ ବାଧା, ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଚାଷୀ



ଭୁବନେଶ୍ୱର (ପିଏନ୍)-ଜଳସେଚନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କ ଜମିକୁ ଜଳସେଚନ ଯୋଗାଇ ଦେବାକୁ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି କେନାଲ କାର୍ଯ୍ୟକାରୀ ହେଲେ ଆଠଗଡ଼ ଉପଖଣ୍ଡ ଅଧୀନ ଖୁଣ୍ଟକଟା ପଞ୍ଚାୟତ ଅଧୀନରେ ଥିବା ମହିଧରପୁର, ରଗଡାପାଟିଆ, ପୋଲାବାହାଡ଼ା, କାଙ୍କଡଗାଡିଆ, ଦର୍ଶନପୁର ସମେତ କଟକ ଜିଲାର ବହୁ ଗ୍ରାମର ଶତାଧିକ ଚାଷୀ ଉପକୃତ ହେବେ। ଚାଷୀମାନଙ୍କ ଉଚ୍ଚ ଓ ଦୀର୍ଘଦିନ ଧରି ପଡ଼ିଆ। ଥିବା ଚାଷ ଅନୁପଯୋଗୀ ଜମିରୁ ମାଟି ଖନନ ଦ୍ୱାରା ଜମିଗୁଡ଼ିକ ଫସଲ ଉପଯୋଗୀ ହୋଇପାରୁଛି। ମାତ୍ର କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଏହାକୁ ବିରୋଧ କରିବା ସହ ଏ ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷୀମାନେ ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ କାର୍ଯ୍ୟାଳୟକୁ ଆସି ଏହି କାର୍ଯ୍ୟ କିପରି ସୁରୁଖୁରରେ ଚାଲିବ ସେ ଦିଗରେ ଦୃଷ୍ଟିଦେବାକୁ ଏକ ଦାବିପତ୍ର ଦେଇଛନ୍ତି। ମାଟି ଖନନରେ କୌଣସି ଅନିୟମିତତା ହେଉନାହିଁ। ତେଣୁ ଏହାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବିପତ୍ରରେ ଉଲ୍ଲେଖ କରଛନ୍ତି। ବାଙ୍କନିଧି ନାୟକ, ଶ୍ରୀନିବାସ ପଲେଇ, ଗୋପୀନାଥ ପଲେଇ, ରମେଶ ବେହେରା ଓ ପ୍ରକାଶ କୁମାର ଦାସ ପ୍ରମୁଖ ଚାଷୀ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଏଡ୍‌ସ: ଏହି ଡର ସଭିଙ୍କୁ

**ବିଶ୍ୱ ଏଡ୍‌ସ ଦିବସର ଇତିହାସ:** ପ୍ରଥମ କରି ୧୯୮୭ ଅଗଷ୍ଟ ମାସରେ ଥୋମାସ୍ ନେଟ୍ଟର ଏବଂ ଜେମ୍ସ ଡବ୍ଲ୍ୟୁ ବୁନ୍ ବିଶ୍ୱ ଏଡ୍‌ସ ଦିବସ ବିଷୟ କଳ୍ପନା କରିଥିଲେ। ଉଭୟ ଜେନେଭା ଓ ସ୍ୱିଜରଲ୍ୟାଣ୍ଡସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମ ପାଇଁ ଲୋକସମ୍ପର୍କ ଅଧିକାରୀ ଅଛନ୍ତି। ସେମାନେ ନିଜର ଧାରଣା ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଡକ୍ଟର ଜୋନାଥନ୍ ମନ୍‌ଙ୍କୁ ଜଣାଇଥିଲେ। ସେ ଏହାକୁ ସ୍ୱୀକୃତି ଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ ପାଇଁ ସୁପାରିଶ କରିଥିଲେ। ୧୯୮୮ ଡିସେମ୍ବର ୧ରୁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇଆସୁଛି। ସେମାନେ ଭାବିଲେ ଯେ, ଏହାକୁ ଏପରି ସମୟରେ ପାଳନ କରାଯିବା ଉଚିତ ଯେଉଁ ସମୟରେ ବିଶ୍ୱବ୍ୟାପୀ ଗଣମାଧ୍ୟମ ଓ ଜନସାଧାରଣ ଏଥିପ୍ରତି ଆଗ୍ରହ ପ୍ରକାଶ କରିପାରିବେ। ଏଚ୍‌ଆଇଭି/ଏଡ୍ସ ଉପରେ ଜାତିସଂଘ କାର୍ଯ୍ୟକ୍ରମକୁ ୟୁଏନ୍‌ଏଡ୍ସ କୁହାଯାଏ। ୧୯୯୬ରେ ଏହା କାର୍ଯ୍ୟକାରୀ ହେବା ସହିତ ବିଶ୍ୱବ୍ୟାପୀ ପ୍ରସାର ଲାଭ କଲା। ୧୯୯୭ରେ ୟୁଏନ୍‌ଏଡ୍‌ସ ଦ୍ୱାରା ବିଶ୍ୱ ଏଡ୍‌ସ ପ୍ରଚାର ଅଭିଯାନ ଆରମ୍ଭ ହେଲା। ଏଥିପାଇଁ ଏଡ୍‌ସ କାର୍ଯ୍ୟକ୍ରମ, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ରୋଗ ନିରାକରଣ ଏବଂ ରୋଗ ସଚେତନତା ଉପରେ ବର୍ଷସାରା ପ୍ରଚାର ଅଭିଯାନ ଚାଲିଲା। ପ୍ରଥମ ବର୍ଷ ବିଶ୍ୱ ଏଡ୍‌ସ ଦିବସ ସଚେତନତା କେବଳ ଶିଶୁ ଏବଂ ତରୁଣ ବୟସର ଲୋକଙ୍କ ଉପରେ ପ୍ରାଧାନ୍ୟ ଦେଇ କରାଯାଉଥିଲା। ପରେ ଏହାକୁ ଏକ ପରିବାର ରୋଗ ବୋଲି ବିବେଚନା କରାଗଲା। କାରଣ ଯେକୌଣସି ବୟସର ବ୍ୟକ୍ତି ଏଚ୍‌ଆଇଭି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ୨୦୦୭ ପରଠାରୁ ବିଶ୍ୱ ଏଡସ ଦିବସକୁ ଏଡ୍‌ସ ରିବନ ସଂକେତ ଦ୍ୱାରା ପ୍ରଦର୍ଶନ କରାଯାଇଆସୁଛି।

ଏଡ୍‌ସ। ଏହି ଡ଼ର ସଭିଙ୍କୁ। ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ। ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ୍‌ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି। ଗତ ଦୁଇ ଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଆରମ୍ଭ କରି ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ୍‌ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି। ପ୍ରାରମ୍ଭିକ ସ୍ତରରେ ଏଡ୍‌ସ ସଚେତନତା ମହିଳା ଓ ପୁରୁଷ ଯୌନକର୍ମୀ, ଟ୍ରକ ଡ୍ରାଇଭର ଓ ହିଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ୍‌ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ୍‌ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏଥିନେଇ ସଚେତନ କରିବା ଦିଗରେ ‘ହୁ’ ଗୁରୁତ୍ୱାରୋପ କରିଛି।

ବର୍ତ୍ତମାନ ଏଡ୍‌ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି: ଆଉ ଜଣକୁ ବି ଏଡ୍‌ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ୍‌ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବ ନାହିଁ କି ଏଡ୍‌ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ। ତେବେ ଚଳିତବର୍ଷ ବିଶ୍ୱ ଏଡ୍‌ସ ଦିବସ ଅବସରରେ କିଶୋରମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। ‘ହୁ’ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋରର ବି ଏଡ୍‌ସରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି। ବିଶେଷକରି ଅସୁରକ୍ଷିତ ଯୌନସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି। ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି। ସେହିପରି ସର୍ବଭାରତୀୟ ସ୍ତରରେ ଏଡ୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ। ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁନଥିବାରୁ କିଶୋରମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି। ଯେଉଁଥିପାଇଁ ଏଡ୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। କିନ୍ତୁ ଧୀରେ ଧୀରେ ଏଥିନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି। ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି। ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନସମ୍ପର୍କ ରକ୍ଷାକରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି। ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏଥିନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷା କରିପାରୁନାହାନ୍ତି। ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି। ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶାସେବନ କରୁଥିବାରୁ ଏଡ୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି। ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି। ବିଶ୍ୱ ଏଡ଼ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ରଶପଥର ସଂକଳ୍ପ ଦିବସ ହେଉ। ତେବେ ବଡ଼ ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି। ସମାଜରେ ଭୟାବହ କୁହାଯାଉଥିବା ଏଡ଼ସ୍ ଓ ହେପାଟାଇଟିସ୍ ବି ଉଭୟ ସମଭାବରେ ସଂକ୍ରମଣ ହୁଅନ୍ତି।




**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୨୩**

# ଅନୁଗୋଳ ଜିଲ୍ଲାରେ ବିକାଶ ନାମରେ ହରିଲୁଟ



ଗୋପାଳ ଚନ୍ଦ୍ର ନାଥ

ଅନୁଗୋଳବାସୀ ଦିନେ ସ୍ୱପ୍ନ ଦେଖୁଥିଲେ, ଅନୁଗୋଳ ଜିଲ୍ଲାକୁ ବହୁ ବଡ ବଡ କାରଖାନା ଆସୁଛି । କାରଖାନା ହେଲେ ଆମ ଜିଲ୍ଲାର ବିକାଶ ହେବ, ଆମେ ଚାକିରୀ ପାଇବା, ବେଶ୍ ଆରାମରେ ଆମର ଭବିଷ୍ୟତ କଟିଯିବ । ଗୋଟିଏ ପରେ ଗୋଟିଏ ଏଇମିତି ଅନେକ କାରଖାନା ଗଢି ଉଠିଲା ଆମ ଜିଲ୍ଲାରେ. ଆମର ଚାଷ ଜମିକୁ ସାଗମାଛ ଦରରେ ସରକାରଙ୍କ ଜରିଆରେ କାରଖାନା ନେଇଗଲା । ଜମି ନେବା ବେଳେ ଚାଷ ଜମି ଗଲେ କଣ ହେଲା, କାରଖାନାରେ କାମ ପାଇବ, ଆଉ ଭଲ ଦୁଇ ପଇସା କମାଇବ, ଏଇଭଳି ଅନେକ ଦିବା ସ୍ୱପ୍ନରେ ଭିଜେଇ ଦେଇଥିଲେ କାରଖାନା କର୍ତ୍ତୃପକ୍ଷ । ହେଲେ କାରଖାନା ଗଢି ଉଠିଲା ସିନା ଆମରି ଜମିରେ, ଆମେ ଜାଣିପାରିଲୁ ନାହିଁ ଆମର ସ୍ଥିତି । ଚାକିରୀ ପାଇବା ତ ଦୂରର କଥା, କାରଖାନାକୁ ଭଲରେ ଆଖି ପୁରେଇ ଟିକିଏ ଦେଖିବାକୁ ଚାହିଁଲେ ବି ସାତ ସପନ ହୋଇଗଲା ।

ଆମେ ଜମିହରା ପ୍ରଜା ଏଇ ମାଟିରେ ଜନ୍ମ ନେଇ ଏହାର ଅଧିବାସୀ ହୋଇ ରହିଥିଲୁ, କ୍ରମେ କାରଖାନାର କୃର ଦୃଷ୍ଟିରେ ଆମେ କ୍ରମେ ଆଦିବାସୀ ହୋଇଗଲୁ । ଚାକିରୀ ତ ନ ହେଲା ନାହିଁ, ଛୋଟ ବଡ କାମଟିଏ ବି ପାଇବା ମୁସ୍କିଲ ହୋଇଗଲା । ଆମ ମାଟିରେ କାରଖାନା ଗଢିଲେ, ଆମେ କାମ ମାଗିଲେ ଆମକୁ ଦୂର ଦୂର କରି ସୁରକ୍ଷା କର୍ମୀ ଜରିଆରେ ଭଗାଇ ଦେଲେ । କାରଖାନା ତିଆରିଠାରୁ ଆଜି ଯାଏ, ଆମେ କାରଖାନାର ଧୁଳି, ଧୂଆଁ ଓ ପାଉଁଶର ପ୍ରାଦୃର୍ଭାବରେ ନାନା ପ୍ରକାର ରୋଗ, ବେମାରୀ ଭୋଗିଲୁ । କାରଖାନା କର୍ତ୍ତୃପକ୍ଷ ଲାଭାଂଶର କିଛି ଭାଗ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଦେଇଥାଏ, ତାର ମାଲିକ ସାଧାରଣ ଜନତା ବା ତାଙ୍କ ଦ୍ୱାରା ନିର୍ବାଚିତ ସାଂସଦ ବା ବିଧାୟକ ନୁହଁନ୍ତି, ତାର ମାଲିକ ଆମ ଜିଲ୍ଲାର ଲୋକ କେବେ ନ ଥିବା ଜଣେ ଅଧିକାରୀ ହୋଇଥାନ୍ତି, ଫଳରେ ସେ ତାଙ୍କର ସ୍ୱଳ୍ପ କାଳୀନ ରହଣି ଭିତରେ ତାଙ୍କୁ ସୋହେଇଲା ଭଳି କାର୍ଯ୍ୟ କରି ଆମର ଅର୍ଥକୁ ତାଙ୍କର ହାତ ପାଣ୍ଠି ଭାବି ଖର୍ଚ୍ଚ କରି ଯାଆନ୍ତି । ବିଡମ୍ବନା ଉକ୍ତ ଅଧିକାରୀ ଜିଲ୍ଲାର କୌଣସି ନେତା ବା ଗୁଣି ଜ୍ଞାନୀ ଲୋକଙ୍କ ପରାମର୍ଶ ନ ନେଇ ତାଙ୍କ ମନ ଇଚ୍ଛାରେ ଖର୍ଚ୍ଚ କରି ବାହାବା ନେଇ ଜିଲ୍ଲାରୁ ବିଦାୟ ନେଇ ଚାଲି ଯାଆନ୍ତି । ଫଳରେ ଜିଲ୍ଲାବାସୀ ଯେଉଁ ଦୁଃଖରେ ଥିଲେ, ସେହି ଦୁଃଖ ହିଁ ତାଙ୍କର ରହିଗଲା, ହେଲେ ଅଧିକାରୀ ମାଲେ ମାଲ ହୋଇ ଜିଲ୍ଲାରୁ ଚାଲି ଯାଆନ୍ତି ।

ଆଗ ଲୋକମାନଙ୍କ ମନରେ କୌଣସି ଗୋଟେ କାମର ଭୁଲ ଠିକ ନେଇ ଉପରିସ୍ଥ ଅଧିକାରୀ ବା ସରକାରଙ୍କ ଠାରେ ଫେରାଦ ହୋଇ ତଦନ୍ତ ପର୍ଯ୍ୟନ୍ତ ଯାଉଥିଲେ । ହେଲେ ଏଇ କେଇ ବର୍ଷ ହେବ, ଆଉ ବିରୋଧର ପ୍ରଶ୍ନ ଉଠୁନାହିଁ । ଅଧିକାରୀମାନେ ସର୍ବ ଶକ୍ତିମାନ ରୂପେ ଉଭାହେଲେ, ସେମାନେ କୁଆଡେ ନେତା ମାନଙ୍କର ଗୁପ୍ତ ପୁସ୍ତିକାରେ ମୂଲ୍ୟାୟନ ପୂର୍ବକ ପ୍ରମାଣ ପତ୍ର ଲେଖିଲେ, ଫଳରେ ନେତା ଟିକଟ ଭୟରେ ମୁହଁରେ ଚୁଂଟା ଦେଇ ବସିଲେ । ଅଧିକାରୀମାନେ ସାଧାରଣ ଜନତାଙ୍କ ଉପରେ ହାକିମଗିରି ଦେଖାଇ ଲୁଟିବାରେ ମାହିର ହେଲେ । ଅଂଚଳର ବିକାଶ ପାଇଁ ଖଣି ଖାଦାନରୁ କାରଖାନା କର୍ତ୍ତୃପକ୍ଷ ଖଣିଜ ପଦାର୍ଥ ନେବାବେଳେ ମଧ୍ୟ କିଛି ଅର୍ଥ ପ୍ରଦାନ କରିବା ପାଇଁ ଆଇନ ରହିଛି ଓ ସେହି ଅର୍ଥକୁ ଜିଲ୍ଲା ଖଣିଜ ପାଣ୍ଠି ନାମରେ ଗଛିତ କରି ରଖି ବିକାଶ କାର୍ଯ୍ୟରେ ବିନିଯୋଗ କରିବାର ବ୍ୟବସ୍ଥା ରହିଛି । ଉକ୍ତ ଅର୍ଥକୁ ମଧ୍ୟ ଜିଲ୍ଲାର ଜିଲ୍ଲାପାଳ ତାଙ୍କ ନିଜ ହାତ ପାଣ୍ଠି ଭାବି ବାଂଟି ଦେଇଗଲେ । ଯାହାକି ଜିଲ୍ଲାବାସୀ ଗୁହାରି ବା ବିରୋଧ କଲେ ଶୁଣିବାକୁ କେହି ନାହିଁ । ସତେ ଯେମିତି ଇଂରେଜ ଶାସନ ଫେରି ଆସିଛି ବୋଲି ଭାବି ସାଧାରଣ ଜନତା ଖାଲି ମୁହଁକୁ ତଳକୁ କରି ସହି ଚାଲିଲେ । କାର୍ଯ୍ୟର ନା ହେଲା ସମିକ୍ଷା, ନା କାର୍ଯର ମାନ ନେଇ କିଏ ଦେଖିବାକୁ ରହିଲା ? କିନ୍ତୁ ଜିଲ୍ଲାବାସୀଙ୍କ ଆବଶ୍ୟକତାକୁ ଟିକିଏ ବି ଦୃଷ୍ଟି ନ ଦେଇ ନିଜର ଲାଭ ଯେଉଁଠି ରହିଛି, ତାହା ହିଁ କାର୍ଯ୍ୟ କରାଗଲା ।

ଏକଦା ଜଣେ ଜିଲ୍ଲାପାଳ ଜିଲ୍ଲା ଖଣିଜ ପାଣ୍ଠିରୁ କିଛି ଟଙ୍କା ଜିଲ୍ଲାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଶ୍ରେଣୀଗୃହ ନିର୍ମାଣ ପାଇଁ କିଛି ବିଦ୍ୟାଳୟକୁ ପ୍ରଦାନ କରିଥିଲେ, କିନ୍ତୁ ପରବର୍ତ୍ତି ମୁହୂର୍ତ୍ତରେ ଉକ୍ତ ଅର୍ଥକୁ ଖଣିଜ ପାଣ୍ଠିକୁ ତାଙ୍କୁ ଫେରାଇବାକୁ ପଡିଥିଲା । ଯଦି ଆଇନ ସମସ୍ତଙ୍କ ପାଇଁ ସମାନ, ତେବେ ଜଣେ ଜିଲ୍ଲାପାଳ ଅର୍ଥ ପ୍ରଦାନ କରିବାକୁ ଅସମର୍ଥ ଥିବା ବେଳେ ଆଉ ଜଣେ ଜିଲ୍ଲାପାଳ କିଭଳି ଭାବେ ଜିଲ୍ଲା ଖଣିଜପାଣ୍ଠିକୁ ନିଜର ହାତ ପାଣ୍ଠି କରି ସଂପୁର୍ଣ୍ଣ ପାଣ୍ଠିକୁ ଶୁନ୍ୟ କରିଦେଲେ, ତାହା ନିଶ୍ଚିତ ପକ୍ଷେ ତଦନ୍ତ ହେବା ଆବଶ୍ୟକ, ଏବଂ ଖଣିଜ ପାଣ୍ଠିକୁ ବିନା ଟେଣ୍ଡରରେ ବିନା କୌଣସି ଦ୍ୱିଧାରେ ଏତେ ଟଙ୍କା ଖର୍ଚ୍ଚ କରାଗଲା, ସେ ନେଇ ଏକ ବିଚାର ବିଭାଗୀୟ ତଦନ୍ତର ଆବଶ୍ୟକତା ରହିଛି ।

ବିଳମ୍ବରେ ହେଲେ ମଧ୍ୟ କିଛି ସଚେତନ ନାଗରିକ ଏବେ ମୁଣ୍ଡ ଟେକିଛନ୍ତି, ପ୍ରମୁଖ ଜାତୀୟ ରାଜପଥର ନିର୍ମାଣ ପାଇଁ ଧାରଣା ଦେଇଥିଲେ ଓ ରାଜପଥର କାର୍ଯ୍ୟ ଏବେ ଆରମ୍ଭ ହୋଇଛି । ସେହି ସଚେତନ ନାଗରିକମାନେ ଜାତୀୟ ରାଜପଥର ଯେଭଳି ଗୁରୁତ୍ୱକୁ ହୃଦୟଙ୍ଗମ କରି ଆନ୍ଦୋଳନ କରିଥିଲେ, ଜିଲ୍ଲା ଖଣିଜ ପାଣ୍ଠି ଓ ପାରିପାର୍ଶ୍ୱିକ ଅର୍ଥର ସୁବଂଟନ ହୋଇ ନାହିଁ ବା ସୁଚାରୁରୂପେ କାର୍ଯ୍ୟ କରାଯାଇନାହିଁ, ଯାହାକି ଯେ କେହି କହି ପାରିବ. ଏ ସବୁ ପାଇଁ ଏକ ବିଚାର ବିଭାଗୀୟ ତଦନ୍ତ ଦାବି ପାଇଁ ଏକ ଆନ୍ଦୋଳନ ହେଉ । ସଚେତନ ନାଗରିକମାନଙ୍କ ସମାଜ ମଙ୍ଗଳ କାର୍ଯ୍ୟ ପାଇଁ ଥିବା ଉତ୍ସାହକୁ ଜିଲ୍ଲାବାସୀ ସମ୍ମାନ ଦେଇ ଆସିଛନ୍ତି, ଏବଂ ଆଗାମୀ ଦିନରେ ନେବାକୁ ଥିବା ପ୍ରତିଟି କାର୍ଯ୍ୟରେ ଜିଲ୍ଲାବାସୀଙ୍କ ସମର୍ଥନ ରହିବ ବୋଲି ଆଶା ରହିଛି । ଜିଲ୍ଲାର ଖଣିଜ ପାଣ୍ଠିର ସୁବିନିଯୋଗ ପାଇଁ ଏକ ସଂଗ୍ରାମ ହେଉ ଯାହାକି ଜିଲ୍ଲାବାସୀଙ୍କ ଇଚ୍ଛା ଓ ସମସ୍ତଙ୍କ ସହଯୋଗରେ ପାଣ୍ଠିର ସୁରକ୍ଷା ହେବା ସହ ଉଚିତ ଜନ ମଙ୍ଗଳ କାର୍ଯ୍ୟରେ ବିନିଯୋଗ ହୋଇ ପାରିବ ।

*ସାମ୍ବାଦିକ, ଅନୁଗୋଳ*
*ମୋ-୯୪୩୭୨୯୦୬୬୨*

# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି



ଡ଼ଃ.ଅରୁନ୍ଧତୀ ଦେବୀ

ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି । ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା । ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ । ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ । ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି । ପ୍ରତିଦିନ ୬ରୁ ୮ ଘଣ୍ଟା ଶୋଇବା ଭଲ । ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ । ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ । ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ । ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ । ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ । ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ । ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ । ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ । ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ । ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ । ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ । ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ । ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ । ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ । ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ । ଅମକ ଡିଭିଜନ ପାଇଲେ ବା ଅମକ ର୍‍ୟାଙ୍କ ପାଇଲେ ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ । ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ । ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି । ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ । ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ । ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ । ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ । ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ । ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି । ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ । ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଅନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ମାଘରୁ କଲବଲ କଲାଣି ଖରା



ହିମାଂଶୁ ଶେଖର ଆଚାର୍ଯ୍ୟ

ମାଘରେ ବାଘ ପରି ଖରା ମାଡିଆସିଲାଣି । ଲୋକମାନେ ଅସ୍ତବ୍ୟସ୍ତ । ମେଘମୁକ୍ତ ଆକାଶ ସହ ଶୁଖିଲାପାଗ ବଢାଇଛି ଦିନର ପାରଦ । ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅ ଳରୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମବାୟୁ ପ୍ରବେଶ କରୁଛି । ଉପକୂଳ ଓଡିଶା ଅପେକ୍ଷା ଆଭ୍ୟନ୍ତରୀଣ ଓଡିଶାରେ ଅଧିକ ଅନୁଭୁତ ହେଉଛି ତାତି । ଗତ ରବିବାର ରାଜ୍ୟର ଚାରି ଜିଲ୍ଲାର ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ସୋମବାର ଦୁଇଟି ସ୍ଥାନର ତାପମାତ୍ରା ୩୬ ଡିଗ୍ରୀ ଟପିଯାଇଛି । ଭୁବନେଶ୍ୱର ଆ ଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୩୬ ଡିଗ୍ରୀ ଅତିକ୍ରମ କରିଛି ଦିନ ତାପାମାତ୍ରା ଭବାନୀପାଟଣା ଏବଂ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୩୬.୫ ଡିଗ୍ରୀ ରେକର୍ଡ କରାଯାଇଛି । ଏଥି ସହିତ ୫ଟି ସହରର ତାପମାତ୍ରା ୩୫ ଡିଗ୍ରୀ ବା ତା ଠାରୁ ଅଧିକ ରହିଛି । ଏପରିକି ରାଜାଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୪.୪ଡିଗ୍ରୀ ଥିଲା । ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାତି ତାପମାତ୍ରା ଅଧିକ ରହୁଥିଲେ ହେଁ ଭୋର ସମୟରେ ଘନକହୁଡି ରହିବ । ସେହିପରି ଏହି ସମୟ ମଧ୍ୟରେ ୨ରୁ ୪ଡିଗ୍ରୀ ଅଧିକ ତାପମାତ୍ରା ଅଧିକ ରହିବ । ଯଦିଓ ଆସନ୍ତା ୨୩ ତାରିଖରୁ ସାମୟିକ ଆଶ୍ୱସ୍ତି ମିଳିବ ବୋଲି ଆକଳନ କରାଯାଇଛି ତଥାପି ୨୭ରୁ ପୁଣି ତାତି ବଢିବ । ଗ୍ରୀଷ୍ମ ପ୍ରବାହକୁ ଅଖିରେ ରଖି ମାର୍ଗଦର୍ଶିକା ଜାରି ହୋଇଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉ ର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ଫେବୃୟାରୀର ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃ ି ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବ ର୍ନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବ ର୍ନ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ ତାତି ଚିନ୍ତାଜନକ ହୋଇରହିବ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ ର୍ନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା । ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ, ୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।

କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବ ୍ଛି କେତେ ତାହାର ହିସାବ କାହା ପାଖରେ ନାହିଁ । 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି । ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମକୁ ମଧ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବ ାଇ ରଖିବାକୁ ହେବ । ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବ ର୍ନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉ ପ୍ତ ବର୍ଷ ଥିଲା ତଥାପି ବ ର୍ମାନ ସ୍ଥିତିକୁ ଦେଖିଲେ ଆସନ୍ତା ମାର୍ଚ୍ଚ ଠାରୁ ମେ ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

*ତିର୍ତୋଲ, ଜଗତସିଂହପୁର*
*ମୋ -୯୯୩୭୧୫୧୦୫୨*

# ପରୀକ୍ଷା ଚାପ ନୁହଁ, ଆନନ୍ଦର ପାର୍ବଣ



ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ, ତୁମକୁ ପରୀକ୍ଷା ପାଇଁ ଅନେକ ଅନେକ ଶୁଭେଚ୍ଛା, ଶୁଭ କାମନା । ଆରେ ତୁମେମାନେ କ'ଣ ଗମ୍ଭୀର ହୋଇଯାଉଛ କି ପରୀକ୍ଷାକୁ ନେଇ ? ତୁମେ ମାନେ କ'ଣ ପାଇଁ ଗମ୍ଭୀର ହେଉଛ ? ଯେଉଁ ପାଠ ଆଉ ବହି ସହ ତୁମେ ସବୁ ଦିନ ସମୟ କାଟିଛ, ଯେଉଁ ସ୍କୁଲ ଆଉ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ମଧ ପ୍ରତିଦିନ ସମୟ ବିତାଇଛ ସେମାନଙ୍କୁ ନେଇ କାହିଁକି ଗମ୍ଭୀରତା । ପ୍ରତିଦିନ ଯେଉଁମାନେ ତୁମର ବନ୍ଧୁ ତୁମେ ସେମାନଙ୍କ ସହ ସମୟ କାଟିଛ ସେମାନଙ୍କୁ ନେଇ କେବେ ହେଲେ ଚିନ୍ତିତ ବା ଗମ୍ଭୀର ହୁଅନା । ପରୀକ୍ଷା ଏକ ଚାପ ନୁହେଁ ଏହା ଏକ ଆନନ୍ଦର ବହୁ ପ୍ରତିକ୍ଷୀତ ମୁହୂର୍ତ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ଯଦିଓ ଖରା ଟିକିଏ ବଢ଼ି ଯାଇଛି ବା କାହାଙ୍କର କୌଣସି ବ୍ୟକ୍ତିଗତ ଘଟଣା କିଛି ଥାଇପାରେ ତେବେ ପରୀକ୍ଷା ବେଳେ ସେ ସବୁକୁ କିଛି ସମୟ ପାଇଁ ଦୂରେଇ ଦେଇ ନିଜକୁ ପ୍ରସ୍ତୁତ କର । ମୁଁ ଜାଣିଛି କେତେକ କ୍ଷେତ୍ରରେ ଦେଖାଯାଏ ଜଣେ ପିଲା ଠାରୁ ବାପାମାଆଙ୍କ ଅତ୍ୟଧିକ ଆଶା, ପ୍ରତିଯୋଗିତାରେ ପଛରେ ପଡ଼ିବା ଚିନ୍ତା ଓ ଏଥିପାଇଁ ଅପମାନ ଆଶଙ୍କା ଓ ପ୍ରତିଯୋଗିତାରେ ସର୍ବାଗ୍ରେ ରହିବା ଆଦି ଅନେକ କାରଣ ଏବେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମୟରେ ବେଶୀ ଚାପଗ୍ରସ୍ତ କରୁଛି । ବିଶେଷକରି ବୋର୍ଡ଼ ପରୀକ୍ଷା (ଦଶମ ଓ ଦ୍ୱାଦଶ) ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ବେଶୀ ଚାପଗ୍ରସ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି । ଏହି ପରୀକ୍ଷା ଭବିଷ୍ୟତରେ କ୍ୟାରିୟରକୁ ଅନେକାଂଶରେ ନିର୍ଦ୍ଧାରଣ କରିବାର ପ୍ରଥମ ସୋପାନ ହୋଇଥିବାରୁ ସମ୍ଭବତଃ ସେଥିପାଇଁ କର ବା ମର ପରିସ୍ଥିତି ସୃଷ୍ଟିହେଉଛି । ଆମ ଦେଶରେ ଏହି ପରୀକ୍ଷାକୁ ଛାତ୍ରଛାତ୍ରୀଙ୍କ ମେଧା ମାପକାଠି ରୂପେ ବିବେଚନା କରାଯାଉଥିବାରୁ ପରିସ୍ଥିତି ଏପରି ହେଉଛି । ଏମିତିକି ଅନେକ ସମୟରେ ବାପା-ମାଆମାନେ ଏହି ସମୟରେ ପିଲାଙ୍କ ପରୀକ୍ଷାକୁ ନେଇ ବେଶି ମାନସିକ ଚାପରେ ରହୁଛନ୍ତି । ସେଥିପାଇଁ ପିଲମାନେ ମଧ ପରୀକ୍ଷା ଚିନ୍ତା ସହ ସେମାନଙ୍କ ଉପରେ ବାପାମାଆଙ୍କ ଅତ୍ୟଧିକ ଆଶାକୁ ନେଇ ଦୁଇଗୁଣ ଚିନ୍ତିତ ହୋଇପଡୁଛନ୍ତି । ଏଥିସହ ଆଉ କେତେକ କାରଣ ପାଇଁ ମଧ ପିଲାମାନେ ଚାପଗ୍ରସ୍ତ ହେଉଛନ୍ତି ।

ତୁମ ପାଇଁ କିଛି ଛୋଟିଆ କଥା ଏଠାରେ ରଖୁଛି । କେତେକ ବିଦ୍ୟାର୍ଥୀ ଯୋଜନା ମୁତାବକ ପାଠପଢ଼ାର ଧାରାକୁ ବଜାୟ ରଖିବାରେ ସକ୍ଷମ ହୋଇନଥାନ୍ତି । ଏମିତି ଏମାନେ ଠିକ ଭାବେ ଟାଇମଟେବୁଲ ତିଆରି କରିପାରି ନଥାନ୍ତି । କେବଳ ଶେଷ ସମୟରେ ସବୁ ବିଷୟ ଶେଷ କରିବାକୁ ବ୍ୟତିବ୍ୟସ୍ତ ହୋଇଥାନ୍ତି । ଏମାନେ ହିଁ ବେଶି ମାନସିକ ଚାପର ସମ୍ମୁଖୀନ ହେବା ସହ ପରୀକ୍ଷାକୁ ଭୟ କରିଥାନ୍ତି ।

ସେହିପରି କିଛି ବିଦ୍ୟାର୍ଥୀ ଅଛନ୍ତି ଯେଉଁମାନଙ୍କର ପଢ଼ା ଅଭ୍ୟାସ ବହୁତ ଭଲ ଓ ପ୍ରସ୍ତୁତି ମଧ ସେଇ ଅନୁପାତରେ କରିଥାନ୍ତି । ମାତ୍ର ନକାରାତ୍ମକ ଚିନ୍ତା କରି ପରୀକ୍ଷାରେ କାଳେ ଖରାପ ହେବ, ଅସଫଳ ହେବେ ଏଇ ଭାବନା ଏମାନଙ୍କୁ ଘାରିଥାଏ । ଏମାନେ ବର୍ତ୍ତମାନ ବିଷୟରେ ଚିନ୍ତା ନକରି ପଢ଼ାରେ କ'ଣ ଜମି ରହିଗଲା ଓ ବିଗତ ଦିନର ବିଫଳତା ଭାବି ନିଜକୁ ଏକୁଟିଆ ଓ ଅସଫଳ ବୋଲି ବିବେଚନା କରିଥାନ୍ତି ।

ଆଉ ଗୋଟିଏ କଥା ଅନେକ ବିଦ୍ୟାର୍ଥୀ ବେଶି ପଢ଼ିପାରି ନଥାନ୍ତି କିମ୍ୱା ସେମାନଙ୍କର ଯୋଜନା ମୁତାବକ ପଢ଼ା ହୋଇନଥାଏ । ଏଥିସହିତ ସମୟର ସଦୁପଯୋଗ କମ କରିଥାନ୍ତି, କିନ୍ତୁ ସେମାନେ ସବୁ ଠିକ ବୋଲି ଭାବିଥାନ୍ତି । ପରୀକ୍ଷା ଖରାପ ହେଲେ ସେମାନେ କ୍ରମାଗତ ଭାବେ ଆଶ୍ଚର୍ଯ୍ୟପ୍ରକଟ କରିଥାନ୍ତି ।

ବହୁତ ବିଦ୍ୟାର୍ଥୀ ଅଛନ୍ତି ସେମାନଙ୍କ ପଢ଼ା ଅଭ୍ୟାସ ଭଲ, କଠିନ ପରିଶ୍ରମ ଓ ରୁଟିନ କରି ପଢ଼ିବା ସହିତ ସମୟର ସଦୁପଯୋଗ ମଧ କରିଥାନ୍ତି, କିନ୍ତୁ ସବୁବେଳେ ଉତ୍କଣ୍ଠା ପ୍ରକାଶ କରିଥାନ୍ତି । ସେମାନେ ଯେଉଁ ଲକ୍ଷ୍ୟ ସ୍ଥିର କରିଥାନ୍ତି ସେଠାରେ ପହଞ୍ଚିବା ପାଇଁ ଓ ପରୀକ୍ଷାରେ ସମସ୍ତଙ୍କ ଉପରେ ରହିବା ପାଇଁ ବ୍ୟଗ୍ର ହୋଇଥାନ୍ତି । ଏହି ଭାବନା ନେଇ ପଢ଼ା କୌଶଳରେ କେଉଁଠି କାଳେ କମ ରହିଗଲେ ଅସଫଳ ହେବେ ସେ ନେଇ ଅତ୍ୟଧିକ ମାନସିକ ଚାପରେ ରୁହନ୍ତି । ବିଶେଷକରି ପରୀକ୍ଷାରେ ଲେଖିବା ସମୟରେ ଏମାନଙ୍କର ଏହି ମାନସିକତା ଆସିଥାଏ ।

ସବୁଠାରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଲେଖୁଛି । ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକ ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ ଚାପଗ୍ରସ୍ତ ନହେବା ପାଇଁ ଚେଷ୍ଟା ଜାରି ରଖିବା ଉଚିତ । ଏହି ସମୟରେ କିଛି ଶାରୀରିକ ଲକ୍ଷଣ ଦେଖାଦେଇଥାଏ । ଯେପରି କମ ନିଦ୍ର ଓ ଖରାପ ସ୍ୱପ୍ନ, ଖାଦ୍ୟ କମିଯିବା ଓ ନିୟମିତ ଖାଦ୍ୟ ନଖାଇବା, ନିଶ୍ୱାସ ନେବାରେ କଷ୍ଟ ହେବା, ହଠାତ୍ ହୃତସ୍ପନ୍ଦନ ବଢ଼ିଯିବା, ବାରମ୍ୱାର ଝାଡ଼ା, ପରିସ୍ରା ଲାଗିବା, ବାନ୍ତି ଲାଗିବା ଇତ୍ୟାଦି । ଆଉ ମାନସିକ କ୍ଷେତ୍ରକୁ ଚିନ୍ତା କଲେ ମଧ ସେହିପରି କିଛି ଲକ୍ଷଣ ସୃଷ୍ଟି ହୋଇଥାଏ ସେଗୁଡ଼ିକ ହେଲା ଶଙ୍କା ପ୍ରକାଶ କରିବା, ଚିଡ଼ିଚିଡ଼ା ହେବା, ଧୈର୍ଯ୍ୟହୀନ ହେବା ଓ ଟିକେ କଥାରେ ରାଗିଯିବା, ଛୋଟକଥାକୁ ନେଇ କାନ୍ଦି ପକାଇବା, କୌଣସି କାର୍ଯ୍ୟ ପାଇଁ ଉତ୍ସାହ ନ ଦେଖାଇବା, ସାଙ୍ଗଙ୍କ ସହିତ ଭଲରେ ନ ମିଶିବା, ବ୍ୟବହାରରେ ପରିବର୍ତ୍ତନ, ଅବସାଦଗ୍ରସ୍ତ ଓ ଅନେକ ସମୟରେ ଅତ୍ୟଧିକ ଚାପ ହେତୁ ଆତ୍ମହତ୍ୟାର ଭାବନା ଆସିବା ।

ଏସବୁରୁ ମୁକ୍ତି ପାଇବା ପାଇଁ ଅନେକ ବାଟ ରହିଛି । ମୁଁ ତୁମ ମାନଙ୍କୁ ତ ପ୍ରଥମରୁ କହି ରଖିଛି ଯେ ପରୀକ୍ଷାକୁ ନେଇ ଆଦୌ ଗମ୍ଭୀର ହେବନାହିଁ କି ଚାପଗ୍ରସ୍ତ ହେବନାହିଁ । ପରୀକ୍ଷା ଏକ ଆନନ୍ଦର ମୁହୂର୍ତ୍ତ । ଆଉ ଗୋଟିଏ ବଡ଼ କଥା ହେଉଛି ଆମ ମାନଙ୍କର ଜୀବନ ହେଉଛି ଏକ ପରୀକ୍ଷା । ସକାଳୁ ନିଦ ଭାଙ୍ଗିଲା ପରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଆମେ ଅନେକ ପରୀକ୍ଷା ପ୍ରତିଦିନ ସାମ୍ନା କରିଥାଉ । ତୁମେ ମାନେ ଏହାକୁ ଭଲ ଭାବେ ଅନୁଭବ କରି ପ୍ରତିଟି ଦିନକୁ ଅତିକ୍ରମ ବେଶ ସଫଳତାର ସହ କରିଥାଅ ଏବଂ ସବୁବେଳେ ବିଜୟ ଲାଭ ମଧ କର । ପରୀକ୍ଷାକୁ ନେଇ କୌଣସି ଚାପ ବା ମନ ଭିତରେ ଆଶଙ୍କା ରହୁଥିଲେ ତୁମ ବାପା-ମାଆ, ପରିବାରର ଭାଇ-ଭଉଣୀ, ଆତ୍ମୀୟ ପରିଜନ, ତୁମ ବିଦ୍ୟାଳୟର ସାର ସମସ୍ତେ ତୁମକୁ ସହାୟତା କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ଆଉ ଗୋଟିଏ କଥା ମନେରଖ ତୁମେ ତୁମ ପ୍ରସ୍ତୁତିକୁ ନେଇ ସନ୍ତୁଷ୍ଟ ହୋଇପାର କି ନହୋଇପାର ଏହା ଯେତେ ବଡ଼ କଥାନୁହେଁ ବଡ଼ କଥା ହେଉଛି ତୁମେମାନେ ସବୁବେଳେ ଏକ ମାଇଣ୍ଡ ଫ୍ରି ଜୀବନର ସଫଳ ନାୟକ ଭାବେ ନିଜକୁ ଚିନ୍ତା କର । ତୁମର କୌଣସି ପରୀକ୍ଷା ଜନିତ ନୈରାଶ୍ୟ, ଚାପ ବା କିଛି କଥା ଥିଲେ ସେ ସବୁ ମୋ ସହିତ ମଧ ବାଣ୍ଟି ପାରିବ । ମୁଁ ତୁମକୁ ଏ କ୍ଷେତ୍ରରେ ନିଶ୍ଚିନ୍ତ ସାହାଯ୍ୟ କରିବି । ତୁମେମାନେ ଯେତେବେଳେ ପ୍ରତିଦିନ ଜୀବନ ପରୀକ୍ଷାକୁ ବେଶ ସଫଳତାର ସହ ଅତିକ୍ରମ କରିପାରୁଛ ଏବଂ ପରଦିନର ସୁନେଲୀ ସକାଳକୁ ତୁମେ ସାମ୍ନା କରୁଛ ତାହାହେଲେ ପରୀକ୍ଷା କ'ଣ ଏକ ବୋଝ ନା ଚାପ ? ପରୀକ୍ଷାର ସଫଳତା ପାଇଁ ଆଉ ତୁମର ସବୁ ଶୁଭର ପ୍ରାର୍ଥନା କରି ତୁମ ମାନଙ୍କୁ ମୋର ଅନେକ ଅନେକ ହୃଦୟଭରା ଶୁଭେଚ୍ଛା ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday February 23, 2024 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୋରାପୁଟ:(ପି ଏ ନ) କୋରାପୁଟ ସ୍ଥାନୀୟ ଆରଟିଓ ଅଫିସ ପଡ଼ିଆ ଠାରେ କେପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି । ଏହି କେପିଏଲ କ୍ରିକେଟ ଉଦଘାଟିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡମ୍ବୁରୁ ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ରିବନ ପିତାକାଟି ଶୁଭାରମ୍ଭ କରିଥିଲେ । ସମାଜସେବୀ ଡମ୍ବୁରୁ ନାୟକ ଯୁବକ ଗୋଷ୍ଠୀ ମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଡମ୍ବୁରୁ ନାୟକ। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗିଙ୍କୁ ଉତ୍ସାହିତ କରିଥିଲେ ।ଏହି ଡ୍ରିମ୍ ଷ୍ଟାର୍ସ କ୍ଲବ୍ ଦ୍ୱାରା କ୍ରିକେଟ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୬ଟି ଟିମ ଦଳ ଭାଗ ନେଇଥିବା ବେଳେ ଆସନ୍ତା ମାର୍ଚ୍ଚ ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡିଛି । କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ବହୁଳ ଅଞ୍ଚଳରୁ ଯାଇ ଜାତୀୟ ସ୍ତର ତଥା ଆନ୍ତର୍ଜାତୀୟ ସ୍ତରରେ କେମିତି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବେ ସେ ନେଇ ଡମ୍ବୁରୁ ନାୟକ ଖେଳାଳି ମାନଙ୍କୁ ଉତ୍ସାହିତ ସହ ଆଲୋଚନା କରିଥିଲେ । ସେ ସେତିକି ନୁହେଁ ପ୍ରତି ଗ୍ରାମାଞ୍ଚଳରୁ ଗସ୍ତ କରି ସହର ଲୋକମାନଙ୍କ ମଧ ସମସ୍ୟା ବିଷୟରେ ପଚାରି ବୁଝୁଛନ୍ତି ଡମ୍ବୁରୁ ନାୟକ । ଅନେକ ଗ୍ରାମକୁ ରାସ୍ତା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା,କିପରି ଆଗକୁ ସବୁ ସୁବିଧା ଗ୍ରାମବାସୀ ଲୋକମାନେ ପାଇଁ ପାରିବେ ସେ ନେଇ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି । ସମାଜସେବୀ ଡମ୍ବୁରୁ ନାୟକ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ବିଭିନ୍ନ ସ୍ଥାନରେ ମଧ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିଛନ୍ତି ଡମ୍ବୁରୁ ନାୟକ। ତାଙ୍କ ସମାଜସେବୀ ଡମ୍ବୁରୁ ନାୟକଙ୍କୁ ସବୁ ମହଲରେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି ।

## କୋଣାର୍କରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆରଏସବିଏସ ଗ୍ରାମେଗ୍ରାମେ କରିବ ପଂଚ କୁଣ୍ଡିୟ ବିଶ୍ୱ କଲ୍ୟାଣ ମହାଯଜ୍ଞ




ଭୁବନେଶ୍ୱର,(ପି.ଏନ) : ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ବ୍ରାହ୍ମଣ ସଂଗଠନ ଆରଏସବିଏସ ପକ୍ଷରୁ ସ୍ଥାନୀୟ ଖାରବେଳ ନଗର ସ୍ଥିତ ଶିକ୍ଷକ ଭବନରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଆରଏସବିଏସର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଣ୍ଡିତ ପରମାନନ୍ଦ ଜ୍ୟୋତିଷ କହିଛନ୍ତି ଯେ , ସୂର୍ଯ୍ୟ ନାରାୟଣ ହେଉଛନ୍ତି ସକଳ ଶକ୍ତିର ଆଧାର । ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମିକ ବିଜ୍ଞାନ ଗ୍ରହଣ କରିଛି । ସୂର୍ଯ୍ୟପୂଜା ଦ୍ୱାରା ବିଶ୍ୱ କଲ୍ୟାଣ ହୋଇଥାଏ । ଏହି ସିଦ୍ଧତାକୁ ପ୍ରାଚୀନ ମନୀଷ ଶାକଦ୍ୱୀପ ବ୍ରାହ୍ମଣମାନେ ଅତୀତରେ ଉପଲବ୍ଧୀ ଏବଂ ପ୍ରୟୋଗ କରିଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ କୁଷ୍ଠବ୍ୟାଧିରୁ ଉକ୍ତ ସୂର୍ଯ୍ୟାଂଶୀ ବ୍ରାହ୍ମଣମାନେ ଆରୋଗ୍ୟଲାଭ କରାଇଥିଲେ । ଏମାନଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ଗରୁଡ ପୃଷ୍ଠରେ ଶାକଦ୍ୱୀପରୁ ଅଣାଇଥିଲେ । ଏହି ଆଧାରରେ ଅଧୁନା ବିଶ୍ୱ କଲ୍ୟାଣ ନିମନ୍ତେ ଆରଏସବିଏସ କୋଣାର୍କରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗ୍ରାମେ ଗ୍ରାମେ ଆୟୋଜନ କରିବ ପଂଚକୁଣ୍ଡିୟ ବିଶ୍ୱ କଲ୍ୟାଣ ମହାଯଜ୍ଞ । ଖୁବଶୀଘ୍ର ଭୁବନେଶ୍ୱରରେ ମଧ୍ୟ ପଂଚକୁଣ୍ଡିୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଆୟୋଜନ ହେବ । ପରେ ପର୍ଯ୍ୟାୟକ୍ରମେ ଓଡିଶାର ସବୁ ସ୍ଥାନରେ ଆରମ୍ଭ ହେବ ବିଶ୍ୱକଲ୍ୟାଣ ମହାଯଜ୍ଞ । ଏହି ଯଜ୍ଞରେ ଚାର ବର୍ଣ୍ଣର ବ୍ୟକ୍ତିବିଶେଷଙ୍କ ସହଯୋଗ ଲୋଡାଯିବ । ଏଥିସହ ଓଡିଶାର ପ୍ରମୁଖ ସହରମାନଙ୍କରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ସହ ଗ୍ରାମୀଣ ପ୍ରାନ୍ତରରେ ନବଗ୍ରହ ମନ୍ଦିର ଓ ଶନି ମନ୍ଦିର ନିର୍ମାଣ କରିବାର ଲକ୍ଷ୍ୟ ରଖିଛି। କୋଣାର୍କରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନାର ପୁନଶ୍ଚ ଆରମ୍ଭ ପାଇଁ ପ୍ରୟାସ ଆରମ୍ଭ କରିଛି ଆରଏସବିଏସ । ଏ ସଂକ୍ରାନ୍ତରେ ଆରଏସବିଏସ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଓ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିବ । ସୂର୍ଯ୍ୟପୂଜା ଓ ସୂର୍ଯ୍ୟ ନମସ୍କାର ଦ୍ୱାରା ଶରୀର ସୁସ୍ଥ ରହିଥାଏ । ପ୍ରାତଃ ଶଯ୍ୟା ତ୍ୟାଗ ଓ ପ୍ରାତଃ କାଳ ସୂର୍ଯ୍ୟ ଦର୍ଶନ ଦ୍ୱାରା ବୋନ୍ କ୍ୟାନସର ରୋଗରୁ ମୁକ୍ତି ମିଳିଥାଏ । ଏଣୁ ସୂର୍ଯ୍ୟପୂଜା ଓ ଆରାଧାନା ଉପରେ ଆରଏସବିଏସ ଗୁରୁତ୍ୱ ପ୍ରଦାନ କରିଛି ।ସମାଜରେ ଆଧ୍ୟାତ୍ମିକ ସଂରକ୍ଷଣ ହେବା ସହିତ ସମାଜ ଶୃଙ୍ଖଳିତ,ସଂସ୍କାରିତ , ମାର୍ଜିତ ହୋଇପାରିବ । ସାମୂହିକ ଶାନ୍ତି ସ୍ଥାପନ ଓ ବିଶ୍ୱ କଲ୍ୟାଣ ଲକ୍ଷ୍ୟ ନେଇ ଉକ୍ତ ବ୍ରାହ୍ମଣ ସଂଗଠନ ରୀତିନୀତିପୂର୍ବକ ବୈଦିକ କାର୍ଯକ୍ରମ ସୂର୍ଯ୍ୟ ଉପାସନା ସହ କୋଣାର୍କଠାରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ଦାବୀ ପାଇଁ ପ୍ରୟାସ ଆରମ୍ଭ କରିଛି ।ସରକାରୀ ନଥିଭୁକ୍ତ ସଂସ୍ଥାଭାବେ ଆରଏସବିଏସ ପଂଜିକୃତ ।ଆରଏସବିଏସର ପରାମର୍ଶଦାତା ଭାବେ ପଣ୍ଡିତ ନାରାୟଣ ଚନ୍ଦ୍ର ଆଚାର୍ଯ୍ୟ, ପଣ୍ଡିତ ମୂରଲୀଧର ମହାପାତ୍ର , ପଣ୍ଡିତ ସଂଜୟ କୁମାର ମହାପାତ୍ର,ବିନ୍ଦୁ ସାଗର ନିବାସୀ ପଣ୍ଡିତ ମୂରଲୀଧର ମହାପାତ୍ର , ନିୟୋଜିତ ଥିବାବେଳେ ଉପଭାପତି ଚିତ୍ରସେନ ମିଶ୍ର,ମହାସଚିବ ପଣ୍ଡିତ ବିଜୟ କୁମାର ମିଶ୍ର ,କୋଷାଧ୍ୟକ ସୁପୟନା ପଣ୍ଡା , ରାଜ୍ୟ ସଂଯୋଜକ ବିଭୁ ଆଚାର୍ଯ୍ୟ, ସଂଯୋଜକ ରାଜନ ରାଜେଶ୍ୱର ନାୟକ,ପଣ୍ଡିତ ନିହାର ରନ ଆଚାର୍ଯ୍ୟ ପ୍ରମୁଖ ସନାତନ ଧର୍ମ ସଂରକ୍ଷଣ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରୁଛନ୍ତି ଏସଂ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ଆରଏସବିଏସରେ ମହତ ଯୋଗଦାନ ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛିନ୍ତ ।

## ବଢି ଚାଲିଛି ବିଜେପିର ଗୁଣ୍ଡାରାଜ

ନିମାପଡା,(ପି.ଏନ): ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ନିମାପଡା ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକରେ ବିଜେପିର ବଢି ଚାଲିଛି ଗୁଣ୍ଡାରାଜ ।ରାଜନୈତିକ ଆକ୍ରୋଶ ରଖି ସୋସିଆଲ ମିଡିଆରେ ବିଧାୟକଙ୍କ ବିରୁଦ୍ଧରେ ଓ ଦଳ ବିରୁଦ୍ଧରେ ବାରମ୍ବାର ଅଶାଳୀନ ମନ୍ତବ୍ୟ ଦେବା ସହ ଗତ ୧୭ତାରିଖରେ ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ଆମ ଓଡିଶା ନବୀନ ଓଡିଶା ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଯୋଗ ଦେବାକୁ ଯାଉଥିବା ସମୟରେ ବିଜେପି ସମର୍ଥିତ କାର୍ଯ୍ୟକର୍ତା ତଥା କିଛି ଖଳ ପ୍ରକୃତିର ବ୍ୟକ୍ତି ମାନେ ବିଧାୟକଙ୍କୁ କଳା ପତାକା ଦେଖାଇବା ଆଳରେ ତାଙ୍କ ଗାଡି ଉପରକୁ ଟେକା ପଥର ମାରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ।ସେହି ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଗୋପ ବ୍ଲକ ଅଧକ୍ଷଙ୍କ ଅଫିସ ନିକଟରୁ ବିଜୁ ଜନତା ଦଳର ୫୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏକ ବିଶାଳ ରାଲିରେ ଆସି ଥାନା ନିକଟରେ ପହଞ୍ଚି ଥିଲେ ।ସେଠାରେ ଗୋପ ଥାନା ଭାରପ୍ରାପ୍ତ ନିରୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।ଆଗାମୀ ଦିନରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିଥିଲେ ।ଆଜିର କାର୍ଯ୍ୟକ୍ରମରେ ଗୋପ ବ୍ଲକର ପର୍ଯ୍ୟବେକ୍ଷକ ଜୀବନାନନ୍ଦ ମହାପାତ୍ର,ସାଂସଦ ପ୍ରତିନିଧି ସୁକାନ୍ତ ମହାନ୍ତି,ବ୍ଲକ ସଭାପତି ମଧୁସୂଦନ ପାଇକରାୟ,ନାଏବ ସରପଞ୍ଚ ବାବୁଲା ବେହେରା,ମହିଳା ସଭା ନେତ୍ରୀ ସବିତା ପୃଷ୍ଟି,ବରିଷ୍ଠ ନେତୃତ୍ୱ ବାଇଲୋଚନ ସାହୁ,କରୁଣାକର ବେହେରା,ସୁଧାଂଶୁ ସେନାପତିଙ୍କ ସହିତ ଗୋପ ବ୍ଲକ ୧୪ଗୋଟି ପଞ୍ଚାୟତର ବିଜୁଜନତା ଦଳର ସମସ୍ତ ପୁରୁଖା ଓ ଯୁବ ନେତା ଉପସ୍ଥିତ ଥିଲେ ।

## ଏସିଆନ ଡେଭଲ୍‌ପମେଂଟ ବ୍ୟାଙ୍କ ସହାୟତାରେ ହେଉଥିବା ପ୍ରକଳ୍ପରେ ଶ୍ରମିକ ଓ ଅଧିବାସୀ ଦାବୀ ସୁରକ୍ଷିତ ହେବା ଆବଶ୍ୟକ



ଭୁବନେଶ୍ୱର,(ପି.ଏନ): ଏସିଆନ ଉନ୍ନୟନ ବ୍ୟାଙ୍କରେ ସହାୟତାରେ ପଡ଼ିରହୁଥିବା ବିଭିନ୍ନ ପ୍ରକଳ୍ପରେ ଶ୍ରମିକ, କର୍ମଚାରୀ ଅଧିବାସୀ ଓ ଆଦିବାସୀମାନଙ୍କର ଦାବୀ ଓ ଅଧିକାର ସୁରକ୍ଷା ହେବା ଆବଶ୍ୟକ। ତଥା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଘରୋଇ ଉଦ୍ୟୋଗ କାର୍ଯ୍ୟ କରୁଥିବା ମୁଖ୍ୟକାର୍ଯ୍ୟ ବିଭିନ୍ନ ସବ କଂଟ୍ରାକ୍ଟର ଲେବର, ସପ୍ଲାଇ କଂଟ୍ରାକ୍ଟର କରୁଥିବାରୁ ସବ କଂଟ୍ରାକ୍ଟରମାନଙ୍କରରେ ଯୋଗ୍ୟତା ଓ ଅଭିଜ୍ଞତା ପୁଂଖାନୁପୁଂଖ ପରୀକ୍ଷା କରିବା ସହିତ ସମସ୍ତ ସବ୍ କଂଟ୍ରାକ୍ଟର ଓ ଲେବର ସପ୍ଲାଇ କଂଟ୍ରାକ୍ଟର ମଦ୍ୟ ସମସ୍ତ ଶ୍ରମ ଆଇନ ଓ ଏସିଆନ ଓ ଏସିଆନ ଡେଭେଲପମେଂଟ ବ୍ୟାଙ୍କର ନିତୀ ନିୟମ ମାନିବା ପାଇଁ ଉକ୍ତି ସ୍ୱାକ୍ଷର କରିବା ଆବଶ୍ୟକ ଏବଂ ଆମ ଦେଶରେ ନିର୍ମାଣ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ ଥିବାରୁ ଏବଂ ପ୍ରତ୍ୟେକ ନିର୍ମାଣ ପ୍ରୋଜେକ୍ଟର ୧ ପ୍ରତିଶତ ନିର୍ମାଣ ଶ୍ରମିକ ବୋର୍ଡ଼କୁ ଦିଆଯାଉଥିବାରୁ ନିର୍ମାଣ ବୋର୍ଡ଼ରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ବାଧ୍ୟତାମୂଳକ ଭାବେ ନିର୍ମାଣ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ରେ ସଦସ୍ୟ ହେବା ଆବଶ୍ୟକ ବୋଲି ତା. ୨୧/୦୨/ ୨୦୨୪ ରିଖରେ ଏସିଆନ ଡେଭଲପମେଂଟ ବ୍ୟାଙ୍କ ତରଫରୁ ନୂତନ ପ୍ରୋଜେକ୍ଟ ପାଇଁ ଶ୍ରମିକ, କର୍ମଚାରୀ, ଦାଦିବାସୀ ଏବଂ ଅଧିବାସୀମାନ୍କ ପାଇଁ ପରିବେଶ ସୁରକ୍ଷା ପାଇଁ ଶ୍ରମିକ ୟୁନିଅନ, ସାମାଜିକ କର୍ମୀ, ମାନଙ୍କ ସହ ଏକ ବୈଠକରେ ଯୋଗଦେଇ ରାଷ୍ଟ୍ରୀୟ ମଜଦୁର ଜାତୀୟ ଉପସଭାପତି ତଥା ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ କହିଥିଲେ। ଏସିଆନ ଡେଭଲେପ୍‌ମେଂଟ ବ୍ୟାଙ୍କରେ ଆୟୋଜିତ ଏହି ବୈଠକରେ ବୁସ ଦୁନ, ଟାକାଓ ମାରିଣ, ମିନାକ୍ଷୀ ଆଦମେରା, ଦେହେରା ଆବାଶ, ମଧୁସ୍ମିତା ଗୁପ୍ତା ଆନ୍ତର୍ଜାତିକ ନିର୍ମାଣ ଅଧିକାରୀ ମହାସଂଘ ତରଫରୁ ଶ୍ରୀମତୀ ସଗୁଫଣ ରିଆଜ, ଇସିତା ଚକ୍ରବତି ପ୍ରମୁଖ ଭାଗନେଇ ଆଲୋଚନାରେ ଭାଗ ନେଇଥିଲେ। ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର, ଘରୋଇ କଂପାନୀକୁ ଏସିଆ ଉନ୍ନୟନ ବ୍ୟାଙ୍କ ନେଉଥିବା ବିଭିନ୍ନ ପ୍ରକଳ୍ପକୁ ଦେଉଥିବା ଋଣ ପାଇଁ ଶ୍ରମିକ କର୍ମଚାରୀ, ଅଧିବାସୀ, ଆଦିବାସୀ, ପରିବେଶ, ଜମିଅଧି ଗ୍ରହଣ, କ୍ଷତିପୁରଣ ପାଇଁ ଆଗାଂମୀ ୩ ବର୍ଷ ପାଇଁ ନିତିନିୟମ ନିର୍ଦ୍ଧାରଣ କରିବା ପାଁ ଏସିଆନ ଉନ୍ନୟ ବ୍ୟାଙ୍କ ତରଫରୁ ଜାତୀୟ ସ୍ତରରେ ଏହି ବୈଠକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରମିକ କର୍ମଚାରୀମାନଙ୍କ ତରଫରୁ ଏକାମତ୍ର ପ୍ରତିନିଧି ଭାବେ ଏହି ବୈଠକରେ ଯୋଗଦେଇଥିଲେ ।

## ହିନ୍ଦୁ ଏକତା ମଂଚ ପକ୍ଷରୁ ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ, (ପିଏନ ):ହିନ୍ଦୁ ଏକତା ମଂଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ବରିଷ୍ଠ ନାଗରିକ ମଂଚ ପ୍ରେକ୍ଷାଳୟଠାରେ ଗୁରୁବାର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି.ଏଥିରେ ରାଜ୍ୟ ହିନ୍ଦୁ ଏକତା ମଞ୍ଚର ମୁଖ୍ୟ ପ୍ରଦୀପ କୁମାର ଜେନା,କୈଳାଶ ଚନ୍ଦ୍ର ଜେନା,ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ହେମନ୍ତ କୁମାର ସାମଲ,କୋଷାଧକ୍ଷ ଚିତ୍ତରଞ୍ଜନ ମହାପାତ୍ର,ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ,ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ସନ୍ତୋଷ କୁମାର ମହାପାତ୍ର,ଖିରୋଦ ମାହାଲା,ସରପଂଚ ଜ୍ଞାନରଂଞ୍ଜନ ସାହୁ,ଅଭିମନ୍ୟୁ ଧଳ,ଓଡିଶା ଚାରଣ ଗୋଷ୍ଠୀ ଅଧକ୍ଷ ଉଦୟନାଥ ସାହୁ,ଅଶୋକ କୁମାର ରାଉତ,ଜ୍ଞାନ ରଞ୍ଜନ ପରିଡା,ସରପଂଚ ଜଗନ୍ନାଥ ଖଣ୍ଡେଇ,ଈଶ୍ୱର ଚନ୍ଦ୍ର ସାମଲ,ଭଗବାନ ପଣ୍ଡା,ସାମ୍ବାଦିକ ଶିବରାମ ସାହୁ ଓ ଜିତନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମର ରକ୍ଷା ଉପରେ ଆଲୋକପାତ କରିଥିଲେ.ଆଜି ରାଜ୍ୟରେ ହିନ୍ଦୁ ସମାଜକୁ ଠିକ ଭବେ ନାୟ ମିଳୁପାରୁନାହିଁ.ରାଜ୍ୟରେ ସରକାର ଗୋ ସୁରକ୍ଷା ଆଇନ ପ୍ରଚଳନ କରିପାରୁନାହିନ୍ତି.ପ୍ରତିଦିନ ଶତାଧିକ ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଥିଲେ ମଧ ସରକାର ଏହାକୁ ରୋକି ପାରୁନାହାନ୍ତି ।ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ହିନ୍ଦୁ ମାନଙ୍କର ଏକତା ପାଇଁ ଆସନ୍ତା ମାର୍ଚ୍ଚ ମାସ ୧୭ ତାରିଖରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଂଚ କାର୍ଯ୍ୟାଳୟରେ ଏକ ସମ୍ମିଳନୀ କରାଯିବ ବୋଲି ମଞ୍ଚର ମୁଖ୍ୟ ଶ୍ରୀ ଜେନା କହିଥିଲେ.ଶେଷରେ ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ ଧନ୍ୟବାଦ ଅର୍ପଣକରିଥିଲେ ।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray